

# କଟକ ସିଟି

# ମେ' ୧୦ ସୁଦ୍ଧା ସରିବ ବଳକା ବକ୍ସ ଡ୍ରେନ୍ କାର୍ଯ୍ୟ !

● ୨୦୨୫ ମାର୍ଚ୍ଚରେ ଶେଷ ହେବ ୮୧୦ ମିଟର ଖୋଲା ଡ୍ରେନ

● ହାଇକୋର୍ଟଙ୍କୁ ଜଣାଇଲେ ଆମିକସ୍‌କ୍ୟୁରୀ

କଟକ,୧୮।୪(ସମିସ)

କଟକ ସହରରେ ଚାଲିଥିବା ଡ୍ରେନେଜ ଓ ସ୍ୱେରେଜ କାର୍ଯ୍ୟ ଅଦ୍ୟାବଧି ଶେଷ ହୋଇପାରିନାହିଁ । କଟକର ବହୁ ପ୍ରତୀକ୍ଷିତ ଜାଇକା ଅନୁଦାନରେ ଚାଲିଥିବା ପ୍ରଥମ ପର୍ଯ୍ୟାୟ ବକ୍ସ ଡ୍ରେନ କାର୍ଯ୍ୟ ପଟ୍ଟାପୋଲ ଠାରୁ ପ୍ରଫେସରପଡା ପର୍ଯ୍ୟନ୍ତ ଗତ ଫେବୃଆରୀ୨୯ରେ ଉଦଘାଟନ ହୋଇଥିଲା। ଏବେ ବି ବାକି ଡ୍ରେନ କାମ ଶେଷ ହୋଇପାରିନଥିବା ନେଇ ଆମିକସକ୍ୟୁରୀଙ୍କ ପକ୍ଷରୁ ହାଇକୋର୍ଟରେ ରିପୋର୍ଟ ଦାଖଲ ହୋଇଛି। ବର୍ତ୍ତମାନ ୨୫୯୦ମିଟର ମଧ୍ୟରୁ ୨୫୨୦ମିଟର କାମ ଶେଷ ହୋଇଗଲାଣି । ପ୍ରଫେସରପଡା ଠାରୁ ଛତ୍ରବଜାର ପର୍ଯ୍ୟନ୍ତ ବାକି ଥିବା ୭୦ମିଟର ବକ୍ସ ଡ୍ରେନ ଆସନ୍ତା ୨୦୨୪ ମେ ୧୦ତାରିଖ ସୁଦ୍ଧା ଶେଷ ହେବ ବୋଲି ୱାଟକୋ ପକ୍ଷରୁ ମଧ୍ୟ ହାଇକୋର୍ଟଙ୍କୁ ଅବଗତ କରାଯାଇଛି । ଦୋଳ ପର୍ବ ଓ ବକ୍ସ ଡ୍ରେନ ପ୍ରକଳ୍ପ ଉଦଘାଟନ କାର୍ଯ୍ୟକ୍ରମ ପାଇଁ ଏହା ବିଳମ୍ବ ହୋଇଥିବା ଦର୍ଶାଯାଇଛି । ଅନ୍ୟପଟରେ ବକ୍ସ ଡ୍ରେନ ପ୍ରକଳ୍ପ ମଧ୍ୟରେ ୮୧୦ମିଟର ଓପନ ଡ୍ରେନ କରାଯିବା ନେଇ ଧାର୍ଯ୍ୟ ହୋଇଥିଲା। କାରଣ ବକ୍ସ ଡ୍ରେନ ପାଇଁ ପ୍ରାୟ ୩୬ଫୁଟ ଗଭୀର ଖନନ କରାଯାଉଥିବା ବେଳେ ଉପରୋକ୍ତ ୮୧୦ମିଟର ଅଞ୍ଚଳର ଦୁଇ ପାର୍ଶ୍ୱରେ ଥିବା କୋଠା ଗୁଡିକ ପ୍ରତି ବିପଦ ସୃଷ୍ଟି ହେବାର ଆଶଙ୍କା ରହିଛି । ତେବେ ବକ୍ସ ଡ୍ରେନ ଡିଜାଇନ ବଦଳରେ ଓପନ ଡ୍ରେନକୁ କେବଳ ଆବଦ୍ଧ କରିବା ପାଇଁ ବୈଷୟିକ କମିଟି ଦ୍ୱାରା ଅନୁଧ୍ୟାନ କରାଗଲା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ୱାଟକୋ ପକ୍ଷରୁ ମଧ୍ୟ ଅବଗତ କରାଯାଇଛି । ଏହି କାର୍ଯ୍ୟ ଆସନ୍ତା ୨୦୨୫ମାର୍ଚ୍ଚ ସୁଦ୍ଧା ଶେଷ ହେବ ବୋଲି ଜଣାପଡିଛି। ପ୍ରକାଶଥାଉକି ନାଳନ୍ଦା ଏଏସଏସଜି(ଜେଭି) ବକ୍ସ ଡ୍ରେନ ନିର୍ମାଣ କାର୍ଯ୍ୟ ଟେଣ୍ଡର ନେଇ କାର୍ଯ୍ୟ ଆରମ୍ଭ କରିଥିଲା । ହେଲେ ୨୦୨୨ଡିସେମ୍ବର ୧୫ ସୁଦ୍ଧା କାର୍ଯ୍ୟ ଅତି ମନ୍ଥର ହେବାରୁ ନଗର ଉନ୍ନୟନ ବିଭାଗ ଏହି କାର୍ଯ୍ୟ ଗତ ୨୦୨୩ଫେବୃଆରୀରେ ୱାଟକୋକୁ ଦେଇଥିଲା। ମାର୍ଚ୍ଚ ୨୦୨୩ରୁ ୱାଟକୋ ଏହି କାର୍ଯ୍ୟ ଆରମ୍ଭ କରିଥିଲା। ମୁଖ୍ୟ ଡ୍ରେନ ନିର୍ମାଣ ଶେଷ ପରେ ୫ଗୋଟି ପମ୍ପ ଷ୍ଟେସନ ସହ ରହିଥିବା ୨୦ସ୍ଲୁଇସ ଫାଟକ କାର୍ଯ୍ୟକ୍ଷମ କରାଯିବ । ଯଦ୍ୱାରା କଟକ ସହର ଜଳବନ୍ଦୀର ସମ୍ମୁଖୀନ ହେବ ନାହିଁ ବୋଲି କୁହାଯାଇଛି। ପ୍ରକାଶଥାଉକି ପ୍ରାୟ ୩୪୦୦ମିଟର ବକ୍ସ ଡ୍ରେନ ନିର୍ମାଣ ପାଇଁ ୪୫୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିଲା। ଲଟ୍-୧ରେ ୨୧୩.୧୫କୋଟିରେ ୧୮୫୦ମିଟର ଓ ଲଟ୍-୨ରେ ୨୩୭.୮୨କୋଟିରେ ୧୫୫୦ମିଟର ଡ୍ରେନ ନିର୍ମାଣ ପାଇଁ ବ୍ୟୟବରାଦ ହୋଇ କାର୍ଯ୍ୟ ଚାଲୁ ରହିଛି। ପରବର୍ତ୍ତୀ ସମୟରେ ଲଟ୍-୨ରେ ୮୧୦ମିଟର ଓପନ ଡ୍ରେନ ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଡ୍ରେନ ପାଶ୍ୱର୍ରେ ପ୍ରଶସ୍ତ ୭.୫ମିଟର ରାସ୍ତା ଥିବାରୁ ଏହାକୁ ଓପନ ଡ୍ରେନ କରାଯାଉଛି। ସହରର ରାସ୍ତାଘାଟ ଓ ଡ୍ରେନେଜ ବ୍ୟବସ୍ଥାକୁ ନେଇ ହାଇକୋର୍ଟରେ ଏହି ଜନସ୍ୱାର୍ଥ ମାମଲା ଆଜି ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କ ଖଣ୍ଡପୀଠରେ ଶୁଣାଣି ହୋଇଛି। ଏହି ମାମଲାରେ ଆମିକସକ୍ୟୁରୀ ଆଇନଜୀବୀ ଇଂ.ଏନ.କେ ମହାନ୍ତି ବକ୍ସ ଡ୍ରେନ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଅଦାଲତଙ୍କୁ ଅବଗତ କରାଇଛନ୍ତି ।

## ନିୟମିତ ଚିକିତ୍ସା ହିମୋଫିଲିଆକୁ ନିୟନ୍ତ୍ରଣ କରେ




**କଟକ,୧୮।୪(ସମିସ):** ଏସ୍‌ସିବି ହେମାଟୋଲୋଜି ବିଭାଗ ପକ୍ଷରୁ ବିଶ୍ୱ ହିମୋଫିଲିଆ ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏହି ଅବସରରେ ପୁରୁଣା ଅଡିଟୋରିୟମ ହଲରେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ହେମାଟୋଲୋଜି ବିଭାଗୀୟ ମୁଖ୍ୟ ଡାକ୍ତର ସୁଧା ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ସିବି ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଡାକ୍ତର ପ୍ରସେନ୍‌ଜିତ ମହାନ୍ତି ଯୋଗ ଦେଇ କହିଥିଲେ ଯେ, ହିମୋଫିଲିଆ ରୋଗୀଙ୍କ ନିମନ୍ତେ ବହୁତ ପ୍ରକାର ଔଷଧ ରହିଛି। ଓଡିଶା ସରକାର ମଧ୍ୟ ଏହି ରୋଗୀ ମାନଙ୍କ ପାଇଁ ସମସ୍ତ ସୁବିଧା କରାଇଛନ୍ତି। ହିମୋଫିଲିଆ ରୋଗରେ କୌଣସି ରୋଗୀର ମୃତ୍ୟୁ ଘଟି ନଥାଏ। ଏହି ରୋଗଟି ସମ୍ପୂର୍ଣ୍ଣ ଭଲ ନ ହୋଇ ପାରିଲେ ବି ନିୟମିତ ଚିକିତ୍ସା ଏବଂ ଔଷଧ ସେବନ ଦ୍ୱାରା ଏହାକୁ ନିୟନ୍ତ୍ରଣରେ ରଖିହେବ। ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରଫେସର ଡାକ୍ତର ନିରଞ୍ଜନ ତ୍ରିପାଠୀ, ଡାକ୍ତର ଦୀନବନ୍ଧୁ ସାହୁ, ଏସ୍‌ସିବି ପ୍ରଶାସନିକ ଅଧିକାରୀ ଅବିନାଶ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଫେସର ଡାକ୍ତର ଆର.କେ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଏସ୍‌ସବି ମେଡିକାଲ ପରିସରରେ ୱାକାଥନ୍ ଆୟୋଜିତ କରାଯାଇଥିଲା। ସିନେ ତାରକା, ଡାକ୍ତର, ଡାକ୍ତରୀ ଛାତ୍ରଛାତ୍ରୀ, କର୍ମଚାରୀ ଓ ସାମାଜିକ ଅନୁଷ୍ଠାନ ସଦସ୍ୟ ଯୋଗ ଦେଇଥିଲେ।

### ୩୦ରେ ଚୈତ୍ର ମହୋତ୍ସବ

## ଶୋଭାଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ

**କଟକ,୧୮।୪(ସମିସ):** କଟକ ମହାନଗର କୈବର୍ତ୍ତ ସଭା ଆନୁକୂଲ୍ୟରେ ଚଳିତ ମାସ ଏପ୍ରିଲ ୩୦ ଓ ମେ ଏକ ତାରିଖ ଦୁଇଦିନ ଧରି ପବିତ୍ର ଚୈତ୍ର ମହୋତ୍ସବ ଅନୁଷ୍ଠିତ ହେବ। ପ୍ରାରମ୍ଭରେ ଇଷ୍ଟଦେବୀ ମା' ବାସୁଳୀଙ୍କ ଶୋଭାଯାତ୍ରା ବାହାରି ଜୋବ୍ରା ସାହି ପରିକ୍ରମଣ କରି ତାଳଦଣ୍ଡା କେନାଲ କୂଳରେ ନୂତନ ଭାବେ ହୋଇଥିବା ଆଇ ଲଭ କଟକ ଠାରେ ଅନୁଷ୍ଠିତ ସଭା ସ୍ଥଳରେ ଶୋଭାଯାତ୍ରା ପହଞ୍ଚିବ। ୩୦ତାରିଖ ସକାଳ ୯ ଘଟିକାରେ କୁନି କୁନି ପିଲାମାନଙ୍କ ଦ୍ୱାରା ଚିତ୍ରାଙ୍କନ ପ୍ରତିଯୋଗିତା ଓ ମହିଳାମାନଙ୍କ ଦ୍ୱାରା ମୁରୁଜ ପ୍ରତିଯୋଗିତା କରାଯିବ। ରାତ୍ରରେ ମା'ଙ୍କ ଶୋଭାଯାତ୍ରା ସଭାସ୍ଥଳରେ ପହଞ୍ଚିବା ପରେ ଘୋଡା ନାଚ ପରିବେଷଣ କରାଯିବ। ସେହିପରି ମେ ମାସ ଏକ ତାରିଖରେ ଓଡିଶୀ ନାଚ, ବାଦ୍ୟଯନ୍ତ୍ର ପରିବେଷଣ, ଏକକ ଅଭିନୟ ଆଦି ଅନୁଷ୍ଠିତ ହେବ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ବିଦ୍ୟାଧରପୁର ସ୍ଥିତ କହ୍ନେଇପୁର ସଂଘ ଶାଖା କାର୍ଯ୍ୟାଳୟଠାରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟି ପକ୍ଷରୁ ସୂଚନା ପ୍ରଦାନ କରଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନୁଷ୍ଠାନର ସଭାପତି କୁସ ସାହୁ, କାର୍ଯ୍ୟକାରୀ ସଭାପତି ଅବିନାଶ କୁମାର ବେହେରା, ଉପ ସଭାପତି ଚିରଞ୍ଜୀୟ ବେହେରା, ଲକ୍ଷ୍ମୀକାନ୍ତ ବେହେରା, କେଦାରନାଥ ତରାଇ, ମହେଶ୍ୱର ବେହେରା, ପ୍ରଫୁଲ ଚନ୍ଦ୍ର ବେହେରା, ସନ୍ତୋଷ କୁମାର ସାହୁ, ଜିତେନ୍ଦ୍ର ତରାଇ, ସାଧାରଣ ସମ୍ପାଦକ ଭୈରବ ଚନ୍ଦ୍ର ବେହେରା, ଶ୍ୟାମସୁନ୍ଦର ନାୟକ, ପର୍ଶୁରାମ ବେହେରା, ଶ୍ରୀକାନ୍ତ ବେହେରା, ସୌମ୍ୟରଞ୍ଜନ ବେହେରା, ସନ୍ତୋଷ କୁମାର ବେହେରା ଉପସ୍ଥିତ ଥିଲେ।

## ହୃଦ୍‌ଘାତ ସମ୍ପର୍କିତ ଆଲୋଚନାଚକ୍ର

**କଟକ,୧୮।୪(ସମିସ):** ବରିଷ୍ଠ ନାଗରିକମାନେ ନିୟମିତ ବ୍ୟବଧାନରେ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ସାଙ୍ଗକୁ ହାର୍ଟ ପରୀକ୍ଷା କରିବା ଆବଶ୍ୟକ । ଶ୍ରୀରାମ ଚନ୍ଦ୍ର ଚିକିତ୍ସା ମହାବିଦ୍ୟାଳୟର କାର୍ଡିଓଲୋଜି ବିଭାଗ ମୁଖ୍ୟ ପ୍ରଫେସର ସୁର କିଶୋର ମିଶ୍ର ହାର୍ଟର ବିଭିନ୍ନ ଦିଗ ଉପରେ ଥୀଙ୍କର୍ସ କ୍ଲବ୍‌ର ୧୦୨ ତମ ଆଭାସୀ ଆଲୋଚନାରେ ବିଶଦ ଭାବେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସଭାପତି ବରଦା ଦାସ ସଭା କାର୍ଯ୍ୟ ପରିଚାଳନା କରି ଆଲୋଚନାଟି ପ୍ରେରଣା ଦାୟକ ବୋଲି କହିଥିଲେ। ରାଜ୍ୟ ବରିଷ୍ଠ ନାଗରିକ ଫେଡେରେସନ୍ ସଭାପତି ଡାକ୍ତର ପ୍ରସନ୍ନ କୁମାର ଦାସ, ସାଧାରଣ ସମ୍ପାଦକ ରକ୍ଷା କିଶୋର ସାମନ୍ତରାୟ, କାଲିଫର୍ଣିଆରୁ ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ ଭାଷଣ ଦେଇଥିଲେ। ଆମେରିକା ବୋଷ୍ଟନରୁ ଲେଖିକା ମନୋରମା ଚୌଧୁରୀ ଧନ୍ୟବାଦ୍ ଦେଇଥିଲେ।

## ରବୀନ୍ଦ୍ର କୁମାର ପାଠାଗାରର ପ୍ଲାଟିନମ୍ ଜୁବୁଲି



**କଟକ,୧୮।୪(ସମିସ):** ଜ୍ଞାନ ଅହରଣ ଓ ବିତରଣର ପ୍ରକୃଷ୍ଟ କ୍ଷେତ୍ର ହେଉଛି ପାଠାଗାର। ତେଣୁ ଏହାର ଉନ୍ନତି ଦିଗରେ ସମସ୍ତେ ପ୍ରୟାସ କରିବାକୁ ଓଡିଶା ହାଇକୋର୍ଟର ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ପରାମର୍ଶ ଦେଇଛନ୍ତି। ଆଜି ସଧାରେ କଳାବିକାଶ କେନ୍ଦ୍ରରେ ଅନୁଷ୍ଠିତ ରବୀନ୍ଦ୍ର କୁମାର ପାଠାଗାରର ୭୫ତମ ପ୍ରତିଷ୍ଠା ଦିବସ (ପ୍ଲାଟିନମ ଜୁବୁଲି) ସମାରୋହ ଉଦଘାଟନ କରି ବିଚାରପତି ଡ଼ ଷଡ଼ଙ୍ଗୀ ଗ୍ରନ୍ଥଗାର ଆନ୍ଦୋଳନର ସଫଳତାର ଆବଶ୍ୟକତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରଫେସର ଡ. ସୋମା ଚାନ୍ଦ ଏଥିରେ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ପାଠାଗାରର ସଭାପତି ତାରକନାଥ ସୁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଉପସଭାପତି ଗୌତମ ମୁଖାର୍ଜୀ, ସଂପାଦକ ସନ୍ଦୀପ ମିତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପ୍ରକାଶିତ ସ୍ମରଣିକା ଉନ୍ମୋଚନ କରାଯିବା ସହ କେତେକ ପୁରୁଖା ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ସରବତ ବଣ୍ଟନ



**କଟକ,୧୮।୪(ସମିସ):** ପବିତ୍ର ଶ୍ରୀରାମ ନବମୀ ଅବସରରେ ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ ସର୍ବତ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମ ନବମୀ ଉପଲକ୍ଷେ ଆୟୋଜିତ ବିଶାଳ ଶୋଭାଯାତ୍ରାରେ ଥିବା ୨ ହଜାରରୁ ଉର୍ଦ୍ଧ୍ୱ ପଦଯାତ୍ରୀଙ୍କ ନିମନ୍ତେ ସର୍ବତ ବଣ୍ଟନ କରାଯାଇଥିଲା। ଏହି ଟ୍ରଷ୍ଟର ଥିବା ମୁସଲିମ ସଦସ୍ୟ ଏବଂ ସହରର କିଛି ମୁସଲିମ ଭାଇ ଏହି ଶୋଭାଯାତ୍ରାରେ ଯୋଗଦେଇ ନିଜ ହାତରେ ସର୍ବତ ତିଆରି କରି ସଭିଙ୍କୁ ବଣ୍ଟନ କରିବା ସହ ରାମ ନାମରେ ବିଭୋର ଶ୍ରଦ୍ଧାଳୁଙ୍କ ଉପରେ ପୁଷ୍ପ ପକାଇ ଶୁଭେଚ୍ଛା ଜଣାଇଥିଲେ। ଏହି ଭବ୍ୟ କାର୍ଯ୍ୟକ୍ରମରେ କ୍ୟାଣ୍ଟେନମେଣ୍ଟ ଥାନା ଆଇଆଇସି ପ୍ରମୋଦ ପଟ୍ଟନାୟକ, ମହମ୍ମଦ ଏଯାଜ୍ ପଟେଲ, ସବୀର ଭାନା, ସାମ୍ବାଦିକ ଶ୍ରୀରାମ, କ୍ଷୀରୋଦ ସାହୁ, ପୂର୍ବତନ କାଉନସିଲର ନମିତା ମଞ୍ଜରି ସାହୁ, ସତ୍ୟଜିତ ମହାରଣା, ମୁସ୍ତାକ, ସାଜିଦ୍, ରାକେଶ ସାହୁ, ମନୋଜ ଦାସ, ନରେନ୍ଦ୍ର ସାହୁ, ଅଭିନେତା ଅନନ୍ତ ନାରାୟଣ ସାହୁ ଓ ଅମର ଚିଞ୍ଚନୀ। କୁମାର ଲାଇଟ୍ ଓ ଗ୍ରାଣ୍ଡ ଆଇସକ୍ରିମ କାର୍ଯ୍ୟକ୍ରମର ସହଯୋଗୀ ଥିଲେ। ସମ୍ପାଦକ ଶଶାଙ୍କ ଶେଖର ଦାଶ ଓ ସଭାପତି ମନୋଜ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବ ସମାଜସେବୀଙ୍କ ଅକାଳ ବିୟୋଗ



**କଟକ,୧୮।୪(ସମିସ):** କଟକ ଶିଖରପୁର ନଦୀକୂଳ ସାହି ସ୍ୱର୍ଗତଃ ବଳରାମ ମହାନ୍ତିଙ୍କ ଜ୍ୟେଷ୍ଠ ପୁତ୍ର ଅଞ୍ଚଳରେ ଜଣେ ଜଣାଶୁଣା ଯୁବ ସମାଜସେବୀ, ଶ୍ରଦ୍ଧା ସବୁରୀ ସେବକ ସଂଘର ପ୍ରତିଷ୍ଠାତା ତଥା ହାରାମଣୀ ମଣ୍ଡପ ମାଲିକ ତଥା ସମାଜସେବୀ ଅଶୋକ କୁମାର ମହାନ୍ତିଙ୍କ ପୁତୁରା ବିଶ୍ୱଜିତ ମହାନ୍ତି (ବାବି)ଙ୍କ ୩୮ବର୍ଷରେ ଆକସ୍ମିକ ହୃଦଘାତରେ ପରଲୋକ ହୋଇଯାଇଛି। ବିଶ୍ୱଜିତ ଅନେକ ସାମାଜିକ ସଂଗଠନ ସହ ଜଡ଼ିତ ଥିବା ସହ ଅନେକ ଧାର୍ମିକ କାର୍ଯ୍ୟ ଉତ୍ସାହର ସହ କରୁଥିଲେ। ୧୬ତାରିଖ ସକାଳୁ ହଠାତ ହୃଦଘାତ ହେବାରୁ ମେଡ଼ିକାଲ ନେବା ରାସ୍ତାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମେଡିକାଲରେ ଡାକ୍ତର ମୃତ ଘୋଷଣା କରିବା ଖବର ପାଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଶେଷଶଯ୍ୟା ସମୟରେ ମା, ସ୍ତ୍ରୀ, ୫ବର୍ଷର ଏକମାତ୍ର ଝିଅ, ସାନଭାଇ, ୩ ଭଉଣୀ, ଭେଣେଇ, ବଡ଼ବାପା, ଦାଦା, ବଡ଼ବୋଉ, ଖୁଡିଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ନିଜ ବାସଭବନରୁ ମରଶରୀରକୁ ଶୋଭାଯାତ୍ରାରେ ମହାନଦୀବିହାର, ଗୁରୁକ୍ଷେତ୍ର ନିଆଯାଇ କାଳିଆବୁଦା ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏକମାତ୍ର ସାନଭାଇ ରଞ୍ଜିତ ମହାନ୍ତି ମୁଖାଗ୍ନି ଦେଇଥିଲେ ଏହି ଅବସରରେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ନୟନକିଶୋର ମହାନ୍ତି, ରୂପାଲୀ ଲେଙ୍କା, ବିଜୟଲକ୍ଷ୍ମୀ ମହାପାତ୍ର, ଇଂ ପ୍ରଦୀପ ବେହେରା, ଶୁଭେନ୍ଦୁ ମହାନ୍ତି, ଲକ୍ଷ୍ମୀଧର ମହାନ୍ତି, ସ୍ଥାନୀୟ କର୍ପୋରେଟର ପ୍ରଜ୍ଞା ବେଉରା ପ୍ରମୁଖ ଶେଷଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ବିଧାୟକ ଇଂ ମହମ୍ମଦ ମୋକିମ୍ ଶୋକପ୍ରକାଶ କରିଛନ୍ତି।

## ସତ୍ୟବ୍ରତ ଷ୍ଟାଡିୟମରେ ବୁଲିଲେ ମେୟର ଓ ସାଂସଦ ପ୍ରାର୍ଥୀ

କଟକ,୧୮।୪(ସମିସ)

ଆଜି ସକାଳ ୬ ଘଟିକା ସମୟରେ କଟକ ସତ୍ୟବ୍ରତ ଷ୍ଟାଡିଅମରେ କଟକ ମେୟର ସୁବାସ ସିଂହ ଏବଂ ବିଜେଡି କଟକ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ରଙ୍କୁ ସାଙ୍ଗରେ ଧରି ପ୍ରାତଃଭ୍ରମଣ କରିବା ସହିତ ଶ୍ରୀ ମିଶ୍ରଙ୍କୁ ସେଠାରେ ଭ୍ରମଣ କରୁଥିବା ଜନସାଧାରଣଙ୍କ ସହ ପରିଚୟ କରାଇଥିଲେ। ଲୋକମାନେ ଶ୍ରଦ୍ଧାର ସହ ମେୟରଙ୍କ ଗତ ଦୁଇବର୍ଷର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିବା ସହ ଆସନ୍ତା ନିର୍ବାଚନରେ ଲୋକସଭା ପ୍ରାର୍ଥୀ ସଂତୃପ୍ତ ମିଶ୍ର ବିପୁଳ ସଂଖ୍ୟାରେ ବିଜୟୀ ହେବେ ବୋଲି ଆଶ୍ରି ବଚନ ଦେଇଥିଲେ। ଶ୍ରୀ ମିଶ୍ର ମଧ୍ୟ ଜଣ ଜଣ କରି ସମସ୍ତଙ୍କୁ ଭେଟିବା ସହିତ ସେମାନଙ୍କର ସୁବିଧା ଅସୁବିଧା ପଚାରି ବୁଝିଥିଲେ। ଆସନ୍ତା ସାଧାରଣ ନିର୍ବାଚନରେ ତାଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ କର୍ପୋରେଟର ବସନ୍ତ ବେହେରା, ଲକ୍ଷ୍ମୀପ୍ରିୟା ବେହେରା, କ୍ରୀଡ଼ାବିତ ଦିଲୀପ ସାହୁ, ସାଗର କିଶୋର ନାୟକ, ରାଜେନ୍ଦ୍ର ମଲ୍ଲିକ, ଲକ୍ଷ୍ମୀନାରାୟଣ ସାହୁ, ଅଶ୍ୱିନୀ ମହାନ୍ତି, ପ୍ରଶାସନିକ ଅଧିକାରୀ କୃଷ୍ଣମୋହନ ପତି, କବି ମିଶ୍ର, ଦିନବନ୍ଧୁ ରାଉତ, ଆଇନଜୀବୀ ସୁଧୀର ରଞ୍ଜନ ମହାନ୍ତି, ଗୌତମ ରାଉତ, ବିନୋଦ ପଣ୍ଡା, ଦେବେନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଉର୍ଦ୍ଧ୍ୱ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



## ଓଡ଼ିଆ ନବବର୍ଷ ଓ ମହାବୀର ଜୟନ୍ତୀ



**କଟକ,୧୮।୪(ସମିସ):** ପବିତ୍ର ମହାବିଷୁବ ସଂକ୍ରାନ୍ତି ତିଥିରେ ଚାନ୍ଦିନୀଚୌକ ବ୍ରାହ୍ମଣସାହିରେ ଓଡ଼ିଆ ନବବର୍ଷ ଓ ମହାବୀର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଶ୍ରୀ ଶ୍ରୀ ଆର୍ଶିବାଦ ମହାବୀରଙ୍କ ପୀଠରେ ଯଥାବିଧି ପୂଜାର୍ଚ୍ଚନା ସହ ହୋମ-ଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ପ୍ରାୟ ଦୁଇ ହଜାରରୁ ଅଧିକ ଭକ୍ତ ଓ ଜନସାଧାରଣଙ୍କ ନିମନ୍ତେ ପ୍ରସାଦସେବନର ଆୟୋଜନ ହୋଇଥିଲା। ସନ୍ଧ୍ୟାରେ ମା'ବିମଳା ଭଜନ ସନ୍ଧ୍ୟାର କଣ୍ଠ ଶିଳ୍ପୀମାନଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ମହାବୀରଙ୍କ ନିକଟରେ ପଣାଭୋଗ-ଲାଗି କରାଯାଇ ଭକ୍ତମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି ଉତ୍ସବକୁ ମନ୍ଦିର ପରିଚାଳନା ସମିତି ଓ ବ୍ରାହ୍ମଣସାହି ସଂକୀର୍ତ୍ତନ ମଣ୍ଡଳୀର ପଦାଧିକାରୀ ସର୍ବଶ୍ରୀ ବୀରେନ୍ଦ୍ରପ୍ରତାପ ସ୍ୱାଇଁ, ଭିକାରୀ ଦାସ, ଅସିତ ମହାନ୍ତି, ଶିବାଜୀ ସିଂହ, ଗଣେଶ୍ୱର ମହାରଣା, ସଞ୍ଜୟ ମହାନ୍ତି, ଲଲାଟେନ୍ଦୁ ପଟ୍ଟନାୟକ, ସଂଜୀବ କୁମାର ଜୀ, ଗୋପାଳ ମହାରଣା, ସଂଗ୍ରାମ ସିଂହ, କମଲେଶ ମହାରଣା, ପ୍ରଦ୍ୟୁମ୍ନ ରାଓ, ମନୋରଞ୍ଜନ ପଣ୍ଡା, ଜିତେନ୍ଦ୍ର ମହାରଣା, ଆଶିଷ ମହାନ୍ତି, ସୁଦର୍ଶନ ପଲେଇ, ଦିଲ୍ଲୀପ ଜୀ, ବିଠଲ ପତି, ରମେଶ ସିଂହ, ଶେଖ ଆଜାଦ, ସମୀର ଦାସ, ଉମେଶ ସିଂହଙ୍କ ସମେତ ବ୍ରାହ୍ମଣସାହି ପଡାବାସୀ ଓ ସମସ୍ତ ସଂକୀର୍ତ୍ତନମଣ୍ଡଳୀ ସଦସ୍ୟମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

# ବର୍ଷକରେ ୯୭ ଦୁଷ୍କର୍ମ; ୭୬ ଗିରଫ

କଟକ,୧୮।୪(ସମିସ)

### ୪ବର୍ଷରେ ୨୮୪ଜଣଙ୍କୁ ଜେଲ ପଠାଇଛି ପୁଲିସ



ଦୁଷ୍କର୍ମ ମାମଲାରେ ତ୍ୱରିତ ତଦନ୍ତ ଶେଷ କରି ଅଭିଯୁକ୍ତଙ୍କୁ ଜେଲ୍ ପଠାଇବାରେ ସଫଳ ହେଉଛି କମିଶନରେଟ୍ ପୁଲିସ। ଗତ ୪ବର୍ଷ ମଧ୍ୟରେ ସମୁଦାୟ ୨୮୪ଜଣ ଦୁଷ୍କର୍ମକାରୀଙ୍କୁ ଗିରଫ କରି ପୁଲିସ ଜେଲ୍ ପଠାଇସାରିଲାଣି। ଗତ ୨୦୨୦, ୨୦୨୧, ୨୦୨୨ ଓ ୨୦୨୩ ମସିହାରେ କଟକ ୟୁପିଡି ଅଧିନରେ ହୋଇଥିବା ୯୫ପ୍ରତିଶତ ଦୁର୍ଷ୍କମ ମାମଲାର ତଦନ୍ତ ଶେଷ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗତ ୨୦୨୦ ମସିହାରେ କଟକ ସହରର ବିଭିନ୍ନ ଥାନାରେ ୫୩ଟି ଦୁଷ୍କର୍ମ ମାମଲା ହୋଇଥିବା ବେଳେ ସମସ୍ତ ମାମଲାର ତଦନ୍ତ ଶେଷ କରାଯାଇ ୫୧ଜଣଙ୍କୁ ଗିରଫ କରାଯାଇଥିଲା। ସେହିପରି ୨୦୨୧ରେ ୭୮ଟି ଦୁଷ୍କର୍ମ ମାମଲାରେ ୭୯ଜଣଙ୍କୁ ଗିରଫ, ୨୦୨୨ରେ ୮୨ଟି ଦୁଷ୍କର୍ମ ମାମଲାରେ ୭୮ଜଣଙ୍କୁ ଗିରଫ ଏବଂ ୨୦୨୩ମସିହାରେ ୯୭ଟି ଦୁଷ୍କର୍ମ ମାମଲାରେ ମୋଟ୍ ୭୬ଜଣଙ୍କୁ ଗିରଫ କରାଯାଇଛି। ଏ ବାବଦରେ ଏଡିସିପି ଅନିଲ୍‌କୁମାର ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ସମସ୍ତ ଦୁର୍ଷ୍କମ ମାମଲାକୁ ଗୁରୁତର ସହିତ ଗ୍ରହଣ କରାଯାଇ ପିଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରାଯାଉଛି। ଗତ୪ବର୍ଷ ମଧ୍ୟରେ ସହରର ବିଭିନ୍ନ ଥାନାରେ ହୋଇଥିବା ଦୁଷ୍କର୍ମ ମାମଲାର ତଦନ୍ତ ହୋଇ ଅଭିଯୁକ୍ତଙ୍କ ବିରୋଧରେ ଉପଯୁକ୍ତ ଦଫା ଲଗାଯାଇଛି। କମିଶନରେଟ୍ ପୁଲିସ ପିଡ଼ିତାଙ୍କୁ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଶତପ୍ରତିଶତ କାର୍ଯ୍ୟ କରୁଥିବା ସେ କହିଛନ୍ତି।

ସହରର ମଧୁପାଟଣା, ଲାଲବାଗ, ବାଦାମବାଡ଼ି, ଦରଘାବଜାର, କ୍ୟାଣ୍ଟନମେଣ୍ଟ, ବିଡ଼ାନାସୀ, ମହିଳା ଥାନା, ମର୍କତନଗର, ଫେଜ୍-୨, ଚୌଦ୍ୱାର ଓ ଜଗତପୁର ଥାନାରେ ମହିଳା ଓ ଶିଶୁ ଡେସ୍କକୁ ଡିସିପି ପ୍ରକାଶ.ଆର୍ କାର୍ଯ୍ୟକ୍ଷମ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସ୍ୱତନ୍ତ୍ର ପ୍ରକୋଷ୍ଠକୁ ମହିଳା ଓ ଶିଶୁଙ୍କ ପ୍ରତି ଘଟୁଥିବା ଅପରାଧ ରୋକିବା ଲାଗି ଓଡ଼ିଶା ପୁଲିସ ୨୦୦୫ରେ ଏହି ପଦକ୍ଷେପ ଗ୍ରହଣ କରାଯାଇ ଥିଲା। ପ୍ରତ୍ୟେକ ଥାନାକୁ ଏହି ସ୍ୱତନ୍ତ୍ର ଡ୍ରାଇଭ୍‌ରେ ସାମିଲ୍ କରାଯାଇ ସ୍ୱତନ୍ତ୍ର ଡେସ୍କ୍ କାର୍ଯ୍ୟକ୍ଷମ ହୋଇଥିଲା। ମହିଳା ଓ ନାବଳିକାଙ୍କ ଉପରେ ହେଉଥିବା ନିର୍ଯ୍ୟାତନାକୁ ରୋକିବାକୁ ପୁଲିସ ତତ୍ପରତା ଦେଖାଉଛି। ଏହି ସମ୍ବେଦନଶୀଳ ମାମଲାକୁ ଗମ୍ଭିରତାର ସହିତ ବିଚାରକୁ ନିଆଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ଦିଆଯାଉଛି। ସେହିଭଳି କମିଶନରେଟ୍ ପୁଲିସ ପ୍ରତି ୩ମାସରେ ନାବାଳିକା ନିଖୋଜ୍ ସମ୍ପର୍କିତ ତଥ୍ୟ ଉପସ୍ଥାପନା କରୁଛି। କମିଶନରେଟ ପୁଲିସ ଅଧିନରେ ଥିବା ବିଭିନ୍ନ ଅଞ୍ଚଳରେ ଗତ ବର୍ଷ ୪୩ଜଣ ନାବାଳିକା ନିଖୋଜ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଏଯାବତ୍ ୩୫ ନାବାଳିକାଙ୍କୁ ଉଦ୍ଧାର କରାଯାଇପାରିଛି। ଉଦ୍ଧାର ପରେ ସଂପୃକ୍ତ ନାବାଳିକାଙ୍କୁ ତାଙ୍କର ପରିବାରକୁ ହସ୍ତାନ୍ତର କରାଯାଇଛି। ନାବାଳିକା ନିଖୋଜ, ବଳାତ୍କାର ଓ ହିଂସା ରୋକିବା କ୍ଷେତ୍ରରେ ଅନେକ ସ୍ୱେଶାଲ୍ ଡ୍ରାଇଭ୍ କରାଯାଇ ନ୍ୟାୟ ପ୍ରଦାନ କରାଯାଉଛି।

ମିଳିଥିବା ସୂଚନା ଅନୁସାରେ କଟକ ସହରର ବସ୍ତି ଅଞ୍ଚଳରେ ୭୦% ନାବାଳିକା ଅତ୍ୟାଚାରର ଶିକାର ହେଉଛନ୍ତି। ଏଠାରେ ଶିକ୍ଷାର ଅଭାବ, ଅସାମାଜିକଙ୍କ ଆଡ୍ଡାସ୍ଥଳୀ, ପାରିବାରିକ ଅନଗ୍ରସରତା ଭଳି କାରଣକୁ ପୁଲିସ ଦର୍ଶାଉଛି। ପୁଲିସ ପକ୍ଷରୁ ପରୀ, ମୁସ୍କାନ୍ ଭଳି ଡ୍ରାଇଭ୍ ଚାଲୁଥିବା ବେଳେ ଏଭଳି ସ୍ଥିତି ପୁଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ମର୍କତନଗର, ଫେଜ୍-୨, ପୁରୀଘାଟ, କ୍ୟାଣ୍ଟନମେଣ୍ଟ, ମାଲଗୋଦାମ, ମଧୁପାଟଣା, ମଙ୍ଗଳାବାଗ ଭଳି ଥାନାରେ ପୂର୍ବରୁ ନାବାଳିକା ନିର୍ଯାତନା ମାମଲା ବଢ଼ିଥିଲା। ପୁଲିସ ଏହାକୁ ଗୁରୁତର ସହିତ ବିଚାରକୁ ନେଇ ଏହି ଥାନା ଗୁଡ଼ିକରେ ନାବାଳିକା ଓ ମହିଳା ନିର୍ଯ୍ୟାତନାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି।



## ମାଟି ଅତଡ଼ା ଖସି ଶ୍ରମିକ ଗୁରୁତର



**କଟକ,୧୮ ।୪(ସମିସ):** ମାଲଗୋଦାମରେ ଏକ ଘର ନିର୍ମାଣ ସମୟରେ ଅଘଟଣ ଘଟିଛି। ମାଟି ଅତଡ଼ା ଖସିପଡ଼ିବାରୁ ଜଣେ ଶ୍ରମିକ ମାଟି ତଳେ ପୋତି ହୋଇଯାଇଥିଲେ। ଅଗ୍ନିଶମ ବିଭାଗର କର୍ମଚାରୀ ସେଠାରେ ପହଞ୍ଚି ମାଟି ଭିତରୁ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ହୋଇଥିବା ଶ୍ରମିକ ହେଉଛନ୍ତି ଜଗତସିଂହପୁର ଜିଲ୍ଲାର ରାଜୁ ସେନାପତି(୪୫)। ଅଗ୍ନିଶମ ବିଭାଗ ପକ୍ଷରୁ ରାଜୁଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ମାଲଗୋଦାମ ଭିତରେ ଥିବା ଏକ କିରୋସିନ ଡିପୋ ଭଙ୍ଗାଯାଇ ପୁନଃ ନିର୍ମାଣ କରାଯାଉଥିଲା। ଗୁରୁବାର ରାତି ପ୍ରାୟ ୭ଟା ବେଳେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା। ପାଖାପାଖି ୨୦ ଫୁଟ ମାଟି ତଳେ ନିର୍ମାଣ କାର୍ଯ୍ୟ ଚାଲିଥିଲା। ଶ୍ରମିକ ରାଜୁ ସେଠାରେ କାମ କରୁଥିବା ବେଳେ ହଠାତ୍ ମାଟି ଅତଡ଼ା ଖସିପଡ଼ିଥିଲା। ସେ ମାଟି ତଳେ ବେକ ପର୍ଯ୍ୟନ୍ତ ପୋତି ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ବକ୍ସିବଜାର ଏଏଫଓ ସଂଜୀବ ବେହେରା, ଚାଉଳିଆଗଞ୍ଜ ଅଗ୍ନିଶମ ବିଭାଗର ଓଆଇସି ଶଙ୍ଖ ମାରାଣ୍ଡି ଏବଂ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପାଖାପାଖି ଏକ ଘଣ୍ଟା ପରେ ଶ୍ରମିକଙ୍କୁ ମାଟି ତଳୁ ଉଦ୍ଧାର କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୨ ମାର୍ଚ୍ଚ ୯ ତାରିଖରେ ଛତ୍ରବଜାରରେ ଥିବା ବ୍ରିଟିସ ଅମଳର ବ୍ରିଜ ପାର୍ଶ୍ୱରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ମାଟି ଅତଡ଼ା ଖସିପଡ଼ିଥିଲା। ଫଳରେ ଏହା ତଳେ ଥିବା ଦୁଇ ଜଣ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା।

## ମହାନଦୀରୁ ବୃଦ୍ଧ ଉଦ୍ଧାର

**କଟକ,୧୮ ।୪(ସମିସ):** ମହାନଦୀରେ ଗାଧୋଉଥିଲା ବେଳେ ଜଣେ ବୃଦ୍ଧ ନଦୀରେ ବୁଡି ଯାଇଥିଲେଫ ତାଙ୍କୁ ଉଦ୍ଧାର କରି ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାଟି ଏଭଳି, ଗୁରୁବାର ଅପରାହ୍ନ ୫ଟା ବେଳେ ଜଣେ ବୃଦ୍ଧ ବ୍ୟକ୍ତି ମହାନଦୀର ଗଡଗଡିଆ ଘାଟ ନିକଟରେ ଗାଧୋଉଥିଲେ। ସେ ପାହାଚ ଉପରେ ଗାଧୋଉଥିଲା ବେଳେ ହଠାତ ତାଙ୍କର ଗୋଡ ଖସିଯାଇଥିଲା। ସେ ନଦୀ ଭିତରେ ବୁଡିଯାଇ ଚିତ୍କାର କରିଥିଲେ। ଏହାଦେଖି ଆଖପାଖର ଲୋକେ ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କରିବା ସହ ଅଗ୍ନିଶମକୁ ଖବର ଦେଇଥିଲେ। ବକ୍ସିବଜାର ଅଗ୍ନିଶମ କେନ୍ଦ୍ରରୁ ଏକ ଟିମ ପହଞ୍ଚିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ଟିମ ବୃଦ୍ଧଙ୍କୁ ଉଦ୍ଧାର କରି ସଂଗେ ସଂଗେ ମେଡିକାଲ ପଠାଇଥିଲା। ପ୍ରାଥମିକ ଚିକିତ୍ସା ପରେ ବୃଦ୍ଧ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ତେବେ ବୃଦ୍ଧଙ୍କ ପରିଚୟ ଜଣାପଡିନଥିବା ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଇନ ଛାତ୍ରୀଙ୍କ ଆତ୍ମହତ୍ୟା

**କଟକ,୧୮ ।୪(ସମିସ):** ମଧୁସୂଦନ ଲ' ୟୁନିଭର୍ସିଟିର ଜଣେ ଆଇନ ଛାତ୍ରୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଆଜି ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ରାଉରକେଲାର ଅନନ୍ୟା ବେହେରା(୨୨)। ସେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ରୀ ଥିଲେ। ଯୋବ୍ରା ମୁରାଦଖାଁ ପାଟଣା ସାମଲ ସାହିରେ ଭଡା ରହୁଥିଲେ। ସବୁ ଦିନ ପରି ବୁଧବାର ସେ ଶିକ୍ଷାନୁଷ୍ଠାନରୁ ପାଠ ପଢା ସାରି ରୁମକୁ ଫେରିଥିଲେ। ମାତ୍ର ସନ୍ଧ୍ୟା ଯାଏ ସେ ତାଙ୍କ ରୁମରୁ ବାହାରି ନ ଥିଲେ। ଘର ମାଲିକ ରୁମ ବାହାରୁ ଡାକିଥିଲେ ମଧ୍ୟ ଭିତରୁ କିଛି ଉତ୍ତର ମିଳି ନ ଥିଲା। ଏଥିରେ ସନ୍ଦେହ କରି ସାହି ପଡୋଶୀ ଓ ମାଲଗୋଦାମ ଥାନା ପୁଲିସ ସହାୟତାରେ ରୁମର କବାଟ ଭଙ୍ଗାଯାଇଥିଲା। ଏହାପରେ ଅନନ୍ୟାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ସେ ପିନ୍ଧୁଥିବା ଏକ ଚୁନରୀକୁ ବେକରୁ ଗୁଡାଇ ଝୁଲିପଡିଥିଲେ। ଖବର ପାଇ ପରିବାର ଲୋକେ କଟକ ପହଞ୍ଚିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ ପରେ ପୁଲିସ ଶବ ଜବତ କରିଥିଲା। ଗୁରୁବାର ଶବ ଜବତ ପରେ ଏସ୍‌ସିବି ମେଡିକାଲରେ ବ୍ୟବଚ୍ଛେଦ କରାଇ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ତଦନ୍ତରୁ ଛାତ୍ରୀ ଜଣକ ଆତ୍ମହତ୍ୟା କରିଥିବା ପୁଲିସ ସ୍ପଷ୍ଟ ହୋଇଛି। ମାତ୍ର ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ପରିବାର ଲୋକ ମଧ୍ୟ ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ କରିନାହାନ୍ତି। ଏନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି।

### ଉତ୍କଳ ସାହିତ୍ୟ କଳା ପରିଷଦର ସମାବର୍ତ୍ତନ ଉତ୍ସବ

# ଦେବୀପ୍ରସନ୍ନ ଓ ପ୍ରିୟମ୍ବଦାଙ୍କୁ 'ଉତ୍କଳଶ୍ରୀ' ସମ୍ମାନ

**କଟକ,୧୮ ।୪(ସମିସ)**



ଆଜି ସଂଧ୍ୟାରେ କଟକର ସାରସ୍ୱତ ପୀଠ ସାରଳା ଭବନଠାରେ ଉତ୍କଳ ସାହିତ୍ୟ କଳା ପରିଷଦର ୩୭ତମ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ବିଶିଷ୍ଟ ସାହିତ୍ୟିକ ପ୍ରଫେସର (ଇଂ.) ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ ଓ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ପ୍ରିୟମ୍ବଦା ମହାନ୍ତି (ହେଜମାଦି)ଙ୍କୁ ଅନୁଷ୍ଠାନର ସର୍ବଶ୍ରେଷ୍ଠ ମର୍ଯ୍ୟାଦାଜନକ 'ଉତ୍କଳଶ୍ରୀ' ସମ୍ମାନ ପ୍ରଦାନ ସହ ବିଶିଷ୍ଟ ସାହିତ୍ୟିକ ଡକ୍ଟର ଅରବିନ୍ଦ ବେହେରାଙ୍କୁ 'ଉତ୍କଳ ସାହିତ୍ୟଶ୍ରୀ' ସମ୍ମାନ ଓ ବିଶିଷ୍ଟ କଣ୍ଠଶିଳ୍ପୀ ତୃପ୍ତି ଦାସଙ୍କୁ 'ଉତ୍କଳ ସଙ୍ଗୀତରତ୍ନ' ସମ୍ମାନ ଜଷ୍ଟିସ୍ ମହାପାତ୍ର ପ୍ରଦାନ କରିଥିଲେ। ସମ୍ମାନସ୍ୱରୂପ ଶ୍ରୀମନ୍ଦିର ସ୍ମାରକୀ, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା। ଏତଦ୍‌ଭିନ୍ନ ବିଶିଷ୍ଟ ସମାଜସେବୀ ବିଜୟରାମ ଦାସଙ୍କୁ 'ଉତ୍କଳ ସେବା ସମ୍ମାନ', ବିଶିଷ୍ଟ କଥାଶିଳ୍ପୀ ରଶ୍ମି ମିଶ୍ରଙ୍କୁ 'ବ୍ୟାସକବି ଫକୀରମୋହନ କଥା ସମ୍ମାନ', ବିଶିଷ୍ଟ ସଂଗଠକ ଶଶଧର ପଣ୍ଡାଙ୍କୁ 'ସଂସ୍କୃତି ଗୌରବ ସମ୍ମାନ', ପ୍ରଫେସର ଡାକ୍ତର ପ୍ରସନ୍ନ କୁମାର ସାହୁଙ୍କୁ 'ଚିକିତ୍ସା ଗୌରବ ସମ୍ମାନ', ବିଶିଷ୍ଟ କବୀ ଛବିରାଣୀ ପତିଙ୍କୁ 'ଗଙ୍ଗାଧର ମେହେର କବିତା ସମ୍ମାନ' ପ୍ରଦାନ କରାଯାଇଥିଲା। ଏହି ସମ୍ମାନସ୍ୱରୂପ ଅନୁଷ୍ଠାନର ସ୍ମାରକୀ, କାରୁକଳା, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପରିଷଦ ଦ୍ୱାରା ସଂକଳିତ ପୁସ୍ତକ 'ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀ' ଉନ୍ମୋଚିତ ହୋଇଥିଲା। ସମ୍ବର୍ଦ୍ଧନାର ଉତ୍ତରରେ ପଦ୍ମଶ୍ରୀ ଦେବୀ ପଟ୍ଟନାୟକଙ୍କ ସହିତ ସମସ୍ତ ସମ୍ବର୍ଦ୍ଧିତ ବ୍ୟକ୍ତି ଉତ୍କଳ ସାହିତ୍ୟ କଳା ପରିଷଦର ପ୍ରତିଭା ପୂଜନ ପ୍ରକ୍ରିୟାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଜଷ୍ଟିସ୍ ମହାପାତ୍ର କହିଲେ, ଓଡ଼ିଆ ଜାତି ତା'ର ଐତିହ୍ୟ ଓ ସଂସ୍କୃତି ପାଇଁ ବିଶ୍ୱରେ ପୂଜା ପାଉଛି। ଭାଷା ଓ ସଂସ୍କୃତି ହେଉଛି ଜାତିର ମାନଦଣ୍ଡ। ସଂସ୍କୃତିର ସୁରକ୍ଷା ପାଇଁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି କହିଥିଲେ। ପରିଷଦର ଉପସଭାପତି ଶିକ୍ଷାବିତ୍ ଡ. ଚୌଧୁରୀ ସତ୍ୟ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଷଦର ସାଧାରଣ ସଂପାଦକ ନାଟ୍ୟକାର ସଂଜିତ୍ କୁମାର ପଟ୍ଟନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଜୟଲକ୍ଷ୍ମୀ ପତ୍ରୀ ଓ ମଳୟ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ରୀତା ରାୟ, କ୍ଷୀରାବ୍ଧି ତନୟା ମହାନ୍ତି, ଅନନ୍ତ ଚରଣ ଦାସ, ବବିତା ସ୍ୱାଇଁ, କବୀ କାନ୍ତିବାଳା ନାୟକ, ବିଶ୍ୱାମିତ୍ର ମିଶ୍ର ପ୍ରମୁଖ ମାନପତ୍ର ପାଠ କରିଥିଲେ। ଶେଷରେ ଗୋପୀନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ନିର୍ମଳ ଚନ୍ଦ୍ର ପହି, ଭୁବନାନନ୍ଦ ମହାନ୍ତି, ପୁରୁଷୋତ୍ତମ ରାଉତ, ବ୍ରଜକିଶୋର ବେଉରା ଓ ବିଭୁ ପ୍ରସାଦ ପୃଷ୍ଟି ପ୍ରମୁଖ ପରିଚାଳନା କରିଥିଲେ। ଏହି ଉତ୍ସବରେ ବହୁ ବୁଦ୍ଧିଜୀବୀ, ସାହିତ୍ୟିକ, ଶିଳ୍ପୀ, କଳାକାର ଯୋଗ ଦେଇଥିଲେ।

## ପଞ୍ଚସଖା ସେବା ସଂଘ ପକ୍ଷରୁ ପଣା ବଣ୍ଟନ



**କଟକ,୧୮ ।୪(ସମିସ):** ପଞ୍ଚସଖା ସେବା ସଂଘ ପକ୍ଷରୁ ଚୌଦ୍ୱାର କଳିଙ୍ଗ ଛକଠାରେ ଦହିପାଣି ବଣ୍ଟନ କରାଯାଇଛି। ଏହି ପଣା ବଣ୍ଟନ କାର୍ଯ୍ୟକ୍ରମକୁ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଓ କିଶୋରଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପିତ ସଂଗ୍ରାମ ଗିରି, ସମ୍ପାଦକ ନୃସିଂହଚରଣ ସାହୁ, ସଭ୍ୟ ଲିଙ୍ଗରାଜ ସାହୁ, ସୁବ୍ରତ ପ୍ରଧାନ, ସୌମ୍ୟରଞ୍ଜନ ବାରିକ, ପ୍ରଭାତ ବାରିକ, ଚନ୍ଦ୍ରକାନ୍ତ ସାହୁ, ଲକ୍ଷ୍ମୀନାରାୟଣ ପାତ୍ର, ବିକାଶ ଗିରି, ଭୋଳାନାଥ ନାୟକ, ସଂଗ୍ରାମ ବାରିକ, କାର୍ତ୍ତିକ ଭଦ୍ର, ସ୍ନେହାଶିଷ ପ୍ରଧାନ, ମାନସ ମହାନ୍ତି, ନରୋତ୍ତମ ଗିରି, ଶୁଭନାରାୟଣ ବାରିକ, ବିଭୂତିଭୂଷଣ ପଡ଼ିହାରୀ ଓ ବିଜୟ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

## ସିଡିଏମ୍‌ଓଙ୍କ ଦୁର୍ବ୍ୟବହାର; ଘେରିଲେ ସାମ୍ବାଦିକ




**କଟକ,୧୮।୪(ସମିସ):** ଅଗ୍ରଣୀ ଓଡ଼ିଆ ନ୍ୟୁଜ ଚ୍ୟାନେଲ ନନ୍ଦିଘୋଷ ଟିଭିର ବରିଷ୍ଠ ସାମ୍ବାଦିକ ଦୀପେଶ ମହାପାତ୍ରଙ୍କୁ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ଡାକ୍ତର ମକରନ୍ଦ ବେଉରା ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦ କରି ଗୁରୁବାର କଟକର ସାମ୍ବାଦିକମାନେ ଏକଜୁଟ ହେବା ସହ ସିଡିଏମଓ ଡାକ୍ତର ବେଉରାଙ୍କୁ ଭେଟିଥିଲେ। ମାତ୍ର ଏହି ଘଟଣାର ସମାଧାନ ହୋଇ ପାରିନାହିଁ। ଏ ଦିଗରେ ଦୃଷ୍ଟି ଦେବାକୁ କଟକ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ ମଧ୍ୟ କରାଯାଇଥିଲା। ଘଟଣାର ତଦନ୍ତ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୋଗ ଅନୁସାରେ, ଗତ ମଙ୍ଗଳବାର ନନ୍ଦିଘୋଷ ଟିଭିର କଟକ ବ୍ୟୁରୋ ମୁଖ୍ୟ ଶ୍ରୀ ମହାପାତ୍ର ଖବର ସଂଗ୍ରହ ପାଇଁ ସିଡିଏମଓ ଡାକ୍ତର ବେଉରାଙ୍କ ନିକଟକୁ ଯାଇଥିଲେ। ମାତ୍ର କୌଣସି ତଥ୍ୟ ଦେବା ପରିବର୍ତ୍ତେ ଦୁର୍ନୀତିଖୋର ସରକାରୀ ଅଫିସରଙ୍କୁ ଘଣ୍ଟ ଘୋଡାଇଥିଲେ ସିଡିଏମଓ। ଏ ବାବଦରେ ପ୍ରଶ୍ନ କରିବାରୁ ସେ ଦୁର୍ବ୍ୟବହାର କରିବାକୁ ମଧ୍ୟ ପଛାଇ ନଥିଲେ। ଏହି ଘଟଣା ଜଣାପଡ଼ିବା ପରେ ସାମ୍ବାଦିକଙ୍କ ମହଲରେ ଉଦବେଗ ପ୍ରକାଶ ପାଇଥିଲା। ଗୁରୁବାର ବକ୍ସିବଜାର ସ୍ଥିତ ସିଡିଏମଓଙ୍କ କାର୍ଯ୍ୟାଳୟରେ କଟକର ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ଏକାଠି ହୋଇଥିଲେ। କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକଙ୍କ ପକ୍ଷରୁ ଧାରଣା ଦିଆଯାଇଥିଲା। କିଛି ସମୟ ପରେ ଆଲୋଚନା ନିମନ୍ତେ ସିଡିଏମଓ ଡାକ୍ତର ବେଉରା କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତଥାପି ଆଲୋଚନା ଫଳପ୍ରଦ ହୋଇ ପାରିନଥିଲା। ସିଡିଏମଓ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ।

### ନ୍ୟାୟିକ ସ୍ୱାର୍ଥ ପାଇଁ ଅପରାଧ ବିଧି ବିଜ୍ଞାନାଗାରକୁ ଭିତ୍ତିଭୂମି ଓ ମାନବସମ୍ବଳ ଯୋଗାଇ ଦିଆଯିବା ଉଚିତ-ହାଇକୋର୍ଟ

## ନମୁନା ସଂଗ୍ରହର ୨ମାସ ମଧ୍ୟରେ କେମିକାଲ ରିପୋର୍ଟ ପ୍ରଦାନକୁ ଗୁରୁତ୍ୱ

**କଟକ, ୧୮ ।୪(ସମିସ):** ରାଜ୍ୟ ତଥା ବିଭିନ୍ନ ଆଞ୍ଚଳିକ ଅପରାଧ ବିଧି ବିଜ୍ଞାନାଗାର(ଫରେନସିକ ସାଇନ୍ସ ଲାବୋରାଟୋରୀ) ଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା ସହ ଏଗୁଡ଼ିକୁ ଆବଶ୍ୟକ ମାନବ ସମ୍ବଳ ଯୋଗାଇ ଦିଆଯିବା ଉଚିତ। ରାଜ୍ୟ ସରକାର ଏହି ଦାୟିତ୍ୱ ନିର୍ବାହରେ ହେଳା କରିବା ଅନୁଚିତ। ଏହି ପ୍ରସଙ୍ଗକୁ ଏଡ଼ାଇଗଲେ ଏହା ଶତାଧିକ ପୀଡ଼ିତ ତଥା ଅଭିଯୁକ୍ତଙ୍କ ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଜଣେ ବିଚାରାଧୀନ ବନ୍ଦୀ ଜଗବନ୍ଧୁ ଭୋଇଙ୍କ ପକ୍ଷରୁ ଦାୟର ଏକ ଜେଲ୍ କ୍ରିମିନାଲ ଅପିଲର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉପଯୁକ୍ତ ସମୟରେ ରାସାୟନିକ ପରୀକ୍ଷା (କେମିକାଲ ଏଗଜାମିନେସନ) ରିପୋର୍ଟ ଆଦି ମିଳୁନଥିବା ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ବିଶେଷକରି ଦୁଷ୍କର୍ମ ବା ଯୌନ ଉତ୍ପୀଡ଼ନ ମାମଲାରେ ଏହି ରିପୋର୍ଟର ଏକ ବଡ଼ ଭୂମିକା ରହିଛି। ଚାର୍ଜସିଟ୍ ସହ ଏହି ରିପୋର୍ଟ ଦାଖଲ କରାଯିବା କଥା। ଅଭିଯୁକ୍ତକୁ ମଧ୍ୟ ଟ୍ରାଏଲ ପୂର୍ବରୁ ପୁଲିସ ପେପର ସହ ଏହାର ନକଲ ପ୍ରଦାନ କରାଯିବା ଉଚିତ। ଯଦି ଚାର୍ଜସିଟ ସମୟରେ ଏହା ଦାଖଲ ହୋଇନଥିବ, ତାହେଲେ ଅଦାଲତ ଚାର୍ଜଫ୍ରେମ କରିବା ପୂର୍ବରୁ ଏହାକୁ ହସ୍ତଗତ କରିବା କଥା। ଅନ୍ୟପଟରେ ଏହା ହସ୍ତଗତ ନ ହୋଇଥିଲେ ସମ୍ପୃକ୍ତ ଫୋରେନସିକ ସାଇନ୍ସ ଲାବୋରୋଟାରି ନିର୍ଦ୍ଦେଶକଙ୍କୁ ଅଦାଲତ ପକ୍ଷରୁ ରିମାଣ୍ଡର ନୋଟିସ ପ୍ରଦାନ କରାଯିବ। ଏହା ସତ୍ତ୍ୱେ ଯଦି ଏହି ରିପୋର୍ଟ ପ୍ରଦାନ କରା ନଯାଏ, ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଅଦାଲତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ ବୋଲି ହାଇକୋର୍ଟ କହିଛନ୍ତି।ସମ୍ପୃକ୍ତ ଅପରାଧ ବିଧି ବିଜ୍ଞାନାଗାର ମଧ୍ୟ ନମୁନା ଗ୍ରହଣ କରିବାର ଦୁଇ ମାସ ମଧ୍ୟରେ ଟ୍ରାଏଲ କରୁଥିବା ଅଦାଲତକୁ କେମିକାଲ ଏକଜାମିନସେସନ ରିପୋର୍ଟ ପ୍ରେରଣ କରିବା ଉଚିତ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ସେହିପରି ଚାର୍ଜସିଟ ସହିତ କିପରି କେମିକାଲ ପରୀକ୍ଷା ରିପୋର୍ଟ ସଂଲଗ୍ନ କରାଯିବ, ତାହାକୁ ସୁନିଶ୍ଚିତ କରିବା ପାଇଁ ପ୍ରଜିକ୍ୟୁସେନ ନିର୍ଦ୍ଦେଶକଙ୍କ ପକ୍ଷରୁ ସମସ୍ତ ପବ୍ଲିକ ପ୍ରସିକ୍ୟୁଟର୍‌ମାନଙ୍କୁ ନିର୍ଦ୍ଦେଶାବଳୀ ଜାରି କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ବିଶେଷକରି ରାସାୟନିକ ପରୀକ୍ଷା ରିପୋର୍ଟ ହେଉଛି ଏକ ମୂଳଦୂଆ, ଯାହା ଦ୍ୱାରା ଅଭିଯୁକ୍ତଜଣଙ୍କ ବିରୋଧରେ ମାମଲା ଚାଲିବ ନା ନାହିଁ ତାହାର ନିର୍ଯାସ ଅଦାଲତ ବାହାର କରିଥା'ନ୍ତି। ତେବେଆବେଦନକାରୀଙ୍କ କ୍ଷେତ୍ରରେ କେମିକାଲ ପରୀକ୍ଷା ରିପୋର୍ଟ ସମ୍ପର୍କରେ ଯଦିଓ ପ୍ରଜିକ୍ୟୁସନ ତରଫରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇନଥିଲା ତେବେ ଅନ୍ୟ ଡାକ୍ତରୀ ପ୍ରମାଣ, ସାକ୍ଷ୍ୟ ଓ ଦସ୍ତାବିଜ ଆଧାରରେ ଆବେଦନକାରୀଙ୍କୁ ଏକ ଦୁଷ୍କର୍ମ ମାମଲାରେ ଆଇପିସିର ଧାରା ୩୭୬(୨)(ଜେ)(ଆଇ)ରେ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ଝାରସୁଗୁଡ଼ା ଦୌରା ଅଦାଲତଙ୍କ ଦ୍ୱାରା ଗତ ୨୦୧୭ଅକ୍ଟୋବର୨୬ରେ ଆବେଦନକାରୀଙ୍କୁ ଦିଆଯାଇଥିବା ୧୪ବର୍ଷ ଦଣ୍ଡକୁ ହାଇକୋର୍ଟ ୧୦ବର୍ଷକୁ କୋହଳ କରିଛନ୍ତି।









# ତାତିରୁ ନାହିଁ ତ୍ରାହି

**କଟକ,୧୮।୪(ସମିସ)**

ପାରଦ ୪୦ ଡିଗ୍ରୀ ପାର୍ ହେଲାଣି। ଦେହହାତ ଜଳିଯିବା ଭଳି ଖରାର କୋପରେ ଅସ୍ତବ୍ୟସ୍ତ ହୋଇ ପଡ଼ିଲାଣି ଜନଜୀବନ। ତାତି ଏମିତି ଯେ, ତ୍ରାହି ମିଳୁନାହିଁ। ଘର ଦୁଆରରୁ ରାସ୍ତାଘାଟ ପର୍ଯ୍ୟନ୍ତ, ସବୁଠି ତାତିର ରାଜୁତି। ଆଜି କଟକ ସହରରେ ତାପମାତ୍ରା ସର୍ବାଧିକ ୪୧.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅସହ୍ୟ ଖରା ଯୋଗୁଁ ସାଧାରଣ ଚଳପ୍ରଚଳ ମଧ୍ୟ ପ୍ରଭାବିତ ହୋଇଛି।

ସହରର ଯାତାୟାତ ଠପ୍ ହୋଇଯାଇଥିବା ବେଳେ ଏହାର ପ୍ରଭାବ ବିଶେଷ ଭାବରେ ପଡ଼ିଛି କ୍ଷୁଦ୍ର ବ୍ୟବସାୟୀ ମାନଙ୍କ ଉପରେ। ଅଟୋ ଓ ରିକ୍ସା ଚାଳକ ମାନେ ମଧ୍ୟ ହାତ ବାନ୍ଧି ବସି ପଡିଛନ୍ତି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ସାରା ରାଜ୍ୟ ଜଳୁଥିବା ବେଳେ ଆସନ୍ତା ୨୨ ତାରିଖ ଯାଏଁ ତାତିରୁ ନିସ୍ତାର ମିଳିବନି ବୋଲି ପାଣିପାଗ ବିଭାଗ ମଧ୍ୟ ସୂଚାଇ ସାରିଛି। ରାଜ୍ୟବାସୀଙ୍କୁ ଆହୁରି କଲବଲ କରିବ ତାତି। ଯାହାର ସିଧାସଳଖ ପ୍ରଭାବ ଦେଖିବାକୁ ମିଳିଛି କଟକ ସହରରେ। ଆଜି କଟକ ସହରରେ ତାପମାତ୍ରା ୪୧.୯ ଡିଗ୍ରୀ ରହିଥିଲା। ଯାହା ଚଳିତ ବର୍ଷର କଟକର ସର୍ବାଧିକ ତାପମାତ୍ରା। ଗତକାଲି ୪୦ ରହିଥିବା ବେଳେ ଆଜି ଏହାକୁ ଟପି ଯାଇଛି। ଗ୍ରୀଷ୍ମ ପ୍ରବାହ ର ପ୍ରଭାବ ସିଧସଳଖ ପଡ଼ିଛି କଟକର ରାସ୍ତାଘାଟ ଓ ବଜାର ଉପରେ। ପୋଷାକ ବ୍ୟବସାୟୀ ବିଦ୍ୟାଧର ଦାସ କହିଛନ୍ତି ଯେ, ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକେ ଦିନ ସମୟରେ ଘରୁ ବାହାରୁ ନାହାନ୍ତି। ସନ୍ଧ୍ୟା ପରେ ମଧ୍ୟ ଗୁଳୁଗୁଳି ହେଉଛି। ଏହି ଦିନ ଗୁଡିକରେ ବେପାର ନାହିଁ। ଦିନକୁ ଖଣ୍ଡେ ଦୁଇ ଖଣ୍ଡ ଡ୍ରେସ ବିକିବା କଷ୍ଟକର ହେଲାଣି ବୋଲି ବିଦ୍ୟାଧର କୁହନ୍ତି। ସେହିପରି ଫଳ ବ୍ୟବସାୟୀ ଅମନ ପ୍ରଧାନ ମଧ୍ୟ ସମାନ କଥା ଦୋହରାଇଛନ୍ତି। ଅଟୋଚାଳକ, ରିକ୍ସାଚାଳକଙ୍କ ଅବସ୍ଥା ମଧ୍ୟ ସମାନ। ଖରା ସେମାନଙ୍କ ବେଉସା ଉପରେ ପ୍ରଭାବ ପକାଇଛି।

## ପାଣି ପାଇଁ ଟାଙ୍ଗୀ ସାହିବାସିନ୍ଦା ହନ୍ତସନ୍ତ

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଲୋକଙ୍କ ଧାରଣା

ଆଠଗଡ଼,୧୮।୪(ସମିସ)

ମହାନଦୀ କୂଳରେ ମାତ୍ର ଦୁଇ ଶହ ମିଟର ଦୂରରେ ଆମେ ରହୁଛୁ। ଗାଁରେ ପାଇପ ପଡ଼ିଛି କିନ୍ତୁ ଆମ୍ଭେମାନେ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛୁ। ଆଠଗଡ ବିଡିଓଙ୍କୁ ଏଭଳି ଏକ ସମ୍ବେଦନଶୀଳ ଘଟଣା ବାବଦରେ ଅଭିଯୋଗ କଲେ ସେ ପରିହାସ କରୁଛନ୍ତି। କ'ଣ ପାଣି ନାହିଁ ବୋଲି ତୁମ ଜୀବନ ଚାଲି ଯାଉଛି। ଆଠଗଡ଼ରେ କେତେ ଜଣ ପାଣି ବିନା ମଲେଣି। ତୁମ ପାଣି କଥା ବୁଝିବି ନା ଅନ୍ୟ କାମ କରିବି। ଗତ ତିନି ମାସ ମଧ୍ୟରେ ଆଠଗଡ଼ ବିଡ଼ିଓଙ୍କୁ ଏହି ଘଟଣା ବାବଦରେ ବାରମ୍ବାର ଅଭିଯୋଗ କଲେ ମଧ ଏଭଳି କଥା ଶୁଣିବାକୁ ମିଳୁଛି। ଜିଲ୍ଲାପାଳଙ୍କ ଜନଶୁଣାଣିରେ ମଧ ଅଭିଯୋଗ କରିଥିଲୁ। କିନ୍ତୁ କିଛି ଫଳ ମିଳିଲାନି। ତେଣୁ ବାଧ୍ୟ ହୋଇ ଗରାମାଠିଆ ଧରି ଆଜି ଉପଜିଲ୍ଲାପାଳଙ୍କୁ ଗୁହାରୀ କରିଛନ୍ତି ଆଠଗଡ଼ ବ୍ଲକ ଅନ୍ତର୍ଗତ କନ୍ଦରପୁର ପଞ୍ଚାୟତ ଟାଙ୍ଗୀ ସାହିର ଲୋକେ। ଅଞ୍ଚଳବାସୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ




ଧାରଣା ଦେବା ସହ ବିଡିଓଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ଆଣିଥିଲେ। ଟାଙ୍ଗୀ ସାହି ଗୋଟିଏ ପାହାଡିଆ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏବଂ ଏହାର ଲୋକସଂଖ୍ୟା ପାଖାପାଖି ୩୦୦ ଥିବା ବେଳେ ପାଣି ମୁନ୍ଦାଏ ହେଉଛି ଏଠିକାର ମୁଖ୍ୟ ସମସ୍ୟା। ଆଠଗଡ଼ ବ୍ଲକ ପ୍ରଶାସନ ଏବଂ ଆଠଗଡ଼ ଜନସ୍ୱାସ୍ଥ୍ୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଖରାଦିନ ଆସିଲେ ଏହି ସମସ୍ୟା ବହୁଗୁଣିତ ହୋଇଯାଏ। ଏଭଳି ସମ୍ବେଦନଶୀଳ ସମସ୍ୟା ଜନସ୍ୱାସ୍ଥ୍ୟ ବିଭାଗର ଅଧିକାରୀ କିମ୍ବା ବ୍ଲକ ପ୍ରଶାସନ କେହି ବି ଶୁଣିବାକୁ ଆଗ୍ରହୀ ନୁହନ୍ତି। ଆଖପାଖ ତିନିଶହ ମିଟର ଭିତରେ କେଉଁଠି ଗୋଟିଏ ନଳକୂପ କିମ୍ବା କୂଅ ନ ଥିବା ଯୋଗୁଁ ଏମାନେ ମହାନଦୀ ଉପରେ ନିର୍ଭରଶୀଳ। କିନ୍ତୁ ଆଠଗଡ଼ ପ୍ରଶାସନ ପାଖରେ ଗୁହାରୀ କରି ଅସଫଳ ହେବା ଏବଂ ଅଧିକାରୀଙ୍କ ପରିହାସ ସେମାନଙ୍କ କଟା ଘା ରେ ଚୂନ ବୋଲି ଅଭିଯୋଗ ହୋଇଛି। ଏ ବାବଦରେ ଆଠଗଡ଼ ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ବିଡ଼ିଓଙ୍କୁ ତାଗିଦ୍ କରିବା ସହିତ ତୁରନ୍ତ ସେଠାରେ ପିଇବା ପାଣି ବନ୍ଦୋବସ୍ତ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆଜିର ଏହି ଧାରଣାରେ ସୁଶାନ୍ତ ସାହୁ, ଅମୀୟ ରଞ୍ଜନ ସାହୁ, ଅଲେଖ ସାହୁ, ସଂଯୁକ୍ତା ସାହୁ, ମାମା ରାଉତ, ସୌମ୍ୟରଞ୍ଜନ ସାହୁ, କିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟା ଅଭିଯୁକ୍ତ କୋର୍ଟ ଚାଲାଣ

**ବାଙ୍କୀ,୧୮।୪(ସମିସ):** ବାଙ୍କୀ ଥାନା ଡମପଡ଼ା ବ୍ଲକ ବାଙ୍କୀ ଥାନା ଅନ୍ତର୍ଗତ ହରିରାଜପୁରରେ କିଛି ଦିନ ତଳେ ଘଟିଥିବା ହତ୍ୟା ଘଟଣାରେ ସଂପୃକ୍ତ ଅଭିଯୁକ୍ତ ହରିରାଜପୁରର ଶେଷଦେବ ସାହୁଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ଜଣାଯାଏ ଗତ ୧୪ତାରିଖରେ ହରିରାଜପୁର ପଞ୍ଚାୟତ ଅଧୀନ ନୂଆସାହି ତ୍ରିନାଥ ମଣ୍ଡପର କୋଠ ଘରେ ସେହି ଗ୍ରାମର ଶୀତଳ ସାହୁ (୪୫) ନାମକ ଯୁବକଙ୍କ ମୃତଦେହ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପୁଲିସ ଉଦ୍ଧାର କରିଥିଲା। ଖବର ପାଇଁ କଟକ ଅତିରିକ୍ତ ଏସ୍‌ପି ଦେବଦତ୍ତ ବରାଳ ଓ କୃଷ୍ଣପ୍ରସାଦ ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ଏ ନେଇ ମୃତକ ଶୀତଳଙ୍କ ପୁତୁରା ଦୁର୍ଗାମାଧବ ସାହୁ ବାଙ୍କୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ବାଙ୍କୀ ଥାନା ଅଧିକାରୀ ଶିବ ଚରଣ ବେହେରା ଘଟଣାର ତଦନ୍ତ କରି ଅଭିଯୁକ୍ତ ଶେଷଦେବ ସାହୁଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ବାଙ୍କୀ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଆଇଆଇସି ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ବିପୁଳ ପରିମାଣର ମଦ ଓ ପୋଚ ନଷ୍ଟ

**ଆଠଗଡ଼,୧୮।୪(ସମିସ):** ସଂରକ୍ଷିତ ଜଙ୍ଗଲ ପାଲଟିଛି ଚୋରା ଦେଶୀ ମଦ ମାଫିଆଙ୍କ ସ୍ୱର୍ଗ। ଯେତେବେଳେ ବି ଜଙ୍ଗଲରେ ଚଢଉ ହେଉଛି ବିପୁଳ ପରିମାଣର ମଦ ସହିତ ପୋଚ ନଷ୍ଟ କରାଯାଉଛି। କିନ୍ତୁ ମାଫିଆ କେହି ବି ଧରା ପଡୁ ନାହାଁନ୍ତି। ପୁଣି କିଛି ଦିନର ବ୍ୟବଧାନରେ ଚାଲୁଛି ବେପାର। ପ୍ରତିଦିନ ଶହ ଶହ ଲିଟର ଚୋରା ଦେଶୀ ରନ୍ଧା ମଦ ଜିଲ୍ଲା ତଥା ଜିଲ୍ଲା ବାହାରକୁ ଚୋରା ଚାଲାଣ ହେଉଛି। ଆଜି ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଭଗୁଆ ଏବଂ ସାନ ଭଗୁଆ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଚଢ଼ଉ କରାଯାଇ ୫ହଜାର ୩୨୦ ଲିଟର ଗୁଡ଼ ପୋଚ ଏବଂ ୪ହଜାର ୩୪୦ ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇ ନଷ୍ଟ କରାଯାଇଛି। ଏ ବାବଦରେ ଦୁଇଟି ପୃଥକ୍ ମୋକଦ୍ଦମା ରୁଜୁ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡିଛି।

## ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

**ସାଲେପୁର,୧୮।୪(ସମିସ):** ପ୍ରତିବର୍ଷ ଭଳି ଚଳିତ ବର୍ଷ ଉତ୍ତର ବଟେଶ୍ୱର ଗ୍ରାମର ମା'ମଙ୍ଗଳାଙ୍କର ପ୍ରତିଷ୍ଠା ଦିବସ ଓ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳୁ ସୂର୍ଯ୍ୟପୂଜା, ଗୋପୂଜା, ଚଣ୍ଡୀପାଠ ଓ ମା'ଙ୍କର ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। ସନ୍ଧ୍ୟାରେ ଆନନ୍ଦବଜାରରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବାବେଳେ ଭକ୍ତି ତରଙ୍ଗ ଭଜନ ମଞ୍ଚର କୁମାର ସିଲୁ ଓ ସାଥୀମାନଙ୍କ ଦ୍ୱାରା ଆକର୍ଷଣୀୟ ଭଜନ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସାମ୍ବାଦିକ ହୃଷିକେଶ ମଲ୍ଲିକ, ପ୍ରଶାନ୍ତ ସାମଲ, ଦିଲ୍ଲୀପ ମଲ୍ଲିକ, ମନୋଜ ସାମଲ, ପାର୍ଥସାରଥୀ ଭୂୟାଁ, ୱାର୍ଡସଭ୍ୟ ତୁଷାରକାନ୍ତ ମଲ୍ଲିକ, ରାଜୀବ ଭୋଇ, ଜୟଦେବ ସାମଲ, ଅଭିରାମ ମଲ୍ଲିକ, ଅଶୋକ ସେଠୀ, ଦୀନବନ୍ଧୁ ବେହେରା, ରମାକାନ୍ତ ମଲ୍ଲିକ, କାଳନ୍ଦୀ ମଲ୍ଲିକ, ରାକେଶ ସାମଲ, ସରୋଜ କୁମାର, ଦେବାଶିଷ ସେଠୀ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଜଳସେବା କେନ୍ଦ୍ର ଉଦ୍‌ଘାଟିତ

**ଫୁଲନଖରା,୧୮।୪ (ସମିସ):** ଫୁଲନଖରା ଛକରେ ଯାତ୍ରୀମାନଙ୍କ ପାଇଁ ନୃସିଂହ ପାର୍ବତୀ ଫାଉଣ୍ଡେସନ୍ ପକ୍ଷରୁ ଏକ ଜଳସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପାହାଳ ଥାନା ଆରକ୍ଷୀ ଅଧିକାରୀ ନୀଳାମ୍ବର ସାହୁ,



ସକାଳ . ଖଟିର ସଭାପତି ପ୍ରଶାନ୍ତ ମହାନ୍ତି, ସିନେ କଳାକାର ମୁକ୍ତିକାନ୍ତ ମହାପାତ୍ର, କଟକ ଜିଲ୍ଲା ସାମ୍ବାଦିକ ୟୁନିଅନର ସଭାପତି ରମେଶ ଚନ୍ଦ୍ର ପ୍ରଧାନ ଅତିଥି ଭାବରେ ଯୋଗଦେଇ ଉକ୍ତ ଜଳସେବା କେନ୍ଦ୍ରକୁ ଉଦ୍‌ଘାଟିତ କରିଥିଲେ। ସାମାଜିକ ସଂଗଠନ ନୃସିଂହ ପାର୍ବତୀ ଫାଉଣ୍ଡେସନ୍ ତରଫରୁ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦହିପାଣିର ବ୍ୟବସ୍ଥା କରାଯିବ ବୋଲି ଅନୁଷ୍ଠାନର ଅଧକ୍ଷ ତଥା ସାମ୍ବାଦିକ ଟୁନା ଜେନା ପ୍ରକାଶ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ସକାଳ . ଖଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିବା ସହିତ ବାଟୋଇଙ୍କୁ ଦହିପାଣି ବଣ୍ଟନ କରିଥିଲେ।

## ଇଂ ଦେବୀ ପ୍ରସାଦ ମହାପାତ୍ର ଆଠଗଡ ଆପ୍ ପ୍ରାର୍ଥୀ



**ଟିଗିରିଆ,୧୮।୪(ସମିସ):** ସମ୍ମାନଜନକ ୮୯ ଆଠଗଡ ବିଧାନସଭା ମଣ୍ଡଳୀ ପାଇଁ ବୁଧବାର ସଂଧ୍ୟାରେ ଆମ୍ ଆଦ୍‌ମୀ ପାର୍ଟି ତାର ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି। ଆଠଗଡ ନିର୍ବାଚନ ମଣ୍ଡଳୀ ଅଧୀନ ଖୁଣ୍ଟୁଣୀ ଅଞ୍ଚଳରେ ଜଣେ ଜଣାଶୁଣା ସାମାଜିକ କର୍ମୀ ଇଞ୍ଜିନିୟର ଦେବୀ ପ୍ରସାଦ ମହାପାତ୍ରଙ୍କୁ ଦଳ ଭରସା କରି ଆଠଗଡର ଆମ୍ ଆଦମୀ ପ୍ରାର୍ଥୀ ରୂପେ ମନୋନୀତ କରିଛି। ଫଳରେ ବର୍ତ୍ତମାନ ସୁଦ୍ଧା ଆଠଗଡ ନିର୍ବାଚନ ମଣ୍ଡଳୀ ବିଧାୟକ ପଦ ଦୌଡରେ ମୋଟ ୪ ଜଣ ପ୍ରତିଦ୍ୱନ୍ଦିତା କରିବା ନେଇ ସ୍ପଷ୍ଟ ହୋଇଛି। ଏଥିପୂର୍ବରୁ ବିଜୁ ଜନତା ଦଳ ପକ୍ଷରୁ ଦଳର ହେଭିୱେଟ ନେତା ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ପ୍ରାର୍ଥୀ କରିଥିବା ବେଳେ ବିଜେପି ପକ୍ଷରୁ ଅବସରପ୍ରାପ୍ତ ସାମରିକ କର୍ମଚାରୀ ଅଭୟ କୁମାର ବାରିକ, କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ମେହେବୁବ୍ ଅହେମ୍ମଦ ଖାଁ ଟିକେଟ ହାସଲ କରି ନିଜ ନିଜର ପ୍ରଚାର କାର୍ଯ୍ୟରେ ନିମଗ୍ନ ଥିବା ବେଳେ ଜନସାଧାରଣଙ୍କ ମୌଳିକ ସମସ୍ୟାକୁ ଧରି ଖୁବ୍ ଶୀଘ୍ର ଆପ୍ ଜନସାଧାରଣଙ୍କ ଦ୍ୱାରକୁ ଯିବ ବୋଲି ଆପ୍ ବିଧାୟକ ପ୍ରାର୍ଥୀ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି।

## ଅଟଳ ସେନା ପକ୍ଷରୁ ବିଷୁବ ମିଳନ




**ସାଲେପୁର,୧୮।୪(ସମିସ):** ଅଟଳ ସେନା ପକ୍ଷରୁ ଓଡ଼ିଆ ନବବର୍ଷ ପାଳିତ ହୋଇଯାଇଛି। ଅଟଳ ସେନା ଓଡ଼ିଶା ଓ ଅଖିଳ ଭାରତ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ମହାବିଷୁବ ସଂକ୍ରାନ୍ତି ଓଡ଼ିଆ ନବବର୍ଷ ଓ ହନୁମାନ ଜୟନ୍ତୀ ମା'ବୁଢ଼ୀଜାଗୁଳାଇ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସେନାର ଉପଦେଷ୍ଟା ଅଧ୍ୟାପକ ବଳାଇଚରଣ ନାୟକଙ୍କ ସଭାପତିତ୍ୱରେ ଏକ ବୌଦ୍ଧିକ ଆସରର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଖିଳ ଭାରତ ସାହିତ୍ୟ ପରିଷଦର ସାଲେପୁର ଶାଖା ସଭାପତି ଅଧ୍ୟାପକ ଡ. ପ୍ରଭାତ କିଶୋର ନାୟକ, ସମ୍ମାନିତ ଅତିଥି ରୂପେ ଅଟଳ ସେନା ରାଜ୍ୟ ସଭାପତି ଦିବାକର ପ୍ରଧାନ, ଅଟଳ ସେନା ମହିଳା ସଂଘ ଉପଦେଷ୍ଟା ବିଦ୍ୟୁତ୍‌ଲତା ରାଉତ, ବରିଷ୍ଠ ବିଜେପି ନେତା କୁଞ୍ଜମୋହନ ସେଠୀ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସେନାର କଟକ ଜିଲ୍ଲା ସଂଗଠନ ସଂପାଦକ ମନୋରଞ୍ଜନ ରାଉତରାୟ, ସାମାଜିକ ଗଣମାଧ୍ୟମ ମୁଖ୍ୟ ହରେକୃଷ୍ଣ ରାଉତରାୟ, ରାଜ୍ୟ ସଂପାଦକ ପ୍ରଦୀପ୍ତ ବିଶ୍ୱାଳ, ମଣ୍ଡଳ ଯୁବ ସଂଘ ସଭାପତି ମନୋଜ ପତି, ଲୀନାରାଣୀ ଓଝା, କୃଷ୍ଣଚନ୍ଦ୍ର ବାରିକ, ରବିନାରାୟଣ ପଟ୍ଟନାୟକ, ଧନେଶ୍ୱର ସାମଲ, ତ୍ରିଲୋଚନ ପାତ୍ର, ହିମାଦ୍ରୀଭୂଷଣ ମିଶ୍ର, ଭାଗବତ ମାଣିକ, ରଶ୍ମିରଞ୍ଜନ ପରିଡ଼ା, କୀର୍ତ୍ତନ ଓଝା, ମେଘୁ ସିଂହ ପ୍ରମୁଖ ଯୋଗଦେଇଥିବାବେଳେ ଗଣେଶ୍ୱର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଉପଦେଷ୍ଟା ଅଭୟ କୁମାର ଭୂୟାଁ ଧନ୍ୟବାଦ ଦେଇଥିଲେ।

## ଦ୍ୱାଦଶ ବିରୂପା ମହୋତ୍ସବ ପ୍ରସ୍ତୁତି ବୈଠକ



**ସାଲେପୁର,୧୮।୪(ସମିସ):** ପାଗା ଗୋପିନାଥପୁରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ଦ୍ୱାଦଶ ବିରୂପା ମହୋତ୍ସବର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ କମିଟିର ଉପଦେଷ୍ଟା ଦିଲ୍ଲୀପ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୪ରୁ ୨୮ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବର ପ୍ରତି ସନ୍ଧ୍ୟାରେ ବିଶିଷ୍ଟ ଅତିଥିଙ୍କ ଦ୍ୱାରା ଓଡ଼ିଶା କଳା ସଂସ୍କୃତି, ଐତିହ୍ୟ ଓ ପରମ୍ପରାର ଆଲୋଚନା ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା କରାଯିବ। ଏଥି ସହିତ ଦର୍ଶକମାନଙ୍କର ଭରପୁର ମନୋରଞ୍ଜନ ନିମନ୍ତେ ପ୍ରତିଦିନ ସନ୍ଧ୍ୟାରେ ପ୍ରତିଷ୍ଠିତ ନୃତ୍ୟ ଅନୁଷ୍ଠାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ ସମେତ ଓଡ଼ିଆ ଧାରବାହିକ ତଥା ସିନେ ଅଭିନେତା ଅଭିନେତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇଛି। ଏହି ଅବସରରେ ଦ୍ୱାଦଶ ବିରୂପା ମହୋତ୍ସବର ତଥ୍ୟ ପୁସ୍ତିକା ଉନ୍ମୋଚିତ କରାଯାଇଛି। ଏହି ବୈଠକରେ ପ୍ରଶାନ୍ତ କୁମାର କର, ଅଜୟ ଲେଙ୍କା, ସୁରେଶ ରାଉତ, ବିଶ୍ୱରଞ୍ଜନ ସାହୁ, ପ୍ରଶାନ୍ତ ଭୂୟାଁ, ରମେଶ ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ, ଦେବେନ୍ଦ୍ର ନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

## ମଧୁପୁର ଓ ବାଙ୍କୀରେ ବିଜେଡିର ମିଶ୍ରଣ ପର୍ବ

**ମାହାଙ୍ଗା,୧୮।୪(ସମିସ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ମଧୁପୁର ପଞ୍ଚାୟତର ବହୁ ବିଜେପି ଓ କଂଗ୍ରେସ କର୍ମୀ ଦଳ ପରିତ୍ୟାଗ କରି ବିଜେଡି ଦଳରେ ସାମିଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ନିର୍ମଳ ଶାସନ ଓ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ମାହାଙ୍ଗାରେ ହେଉଥିବା ବିକାଶମୂଳକ କାର୍ଯ୍ୟ ଏବଂ ଦୃଢ ସଂଗଠନରେ ଅନୁପ୍ରାଣିତ ହୋଇ ମଧୁପୁର




ପଞ୍ଚାୟତ ଘିସୁଆଁ ଗ୍ରାମର ବହୁ ବିଜେପି ଓ କଂଗ୍ରେସ କର୍ମୀ କୁଆଁପାଳ ଅଳିଯୋଡାସ୍ଥିତ ବିଧାୟକ ଶ୍ରୀ ଜେନାଙ୍କ ଉପସ୍ଥିତିରେ ବିଜେଡି ଦଳରେ ଯୋଗଦାନ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ଜେନା ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ ରବୀନ୍ଦ୍ର ବାଗ, ପ୍ରଶାନ୍ତ ପଟ୍ଟନାୟକ, ଜୋନ ସଭାପତି ଦୀନବନ୍ଧୁ ସାହୁ, ନରେନ୍ଦ୍ର ବାଗ, କୈଳାସ ରାଉତ, ହୃଦୟ କାନୁନ୍‌ଗୋ, ସୁବାଷ ବାଗ, ପ୍ରଦୋଷ ପ୍ରଧାନଙ୍କ ସମେତ ବହୁ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

ସେହିପରି ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ବାସଭବନରେ ଆଜି ବିଜେଡି ଦଳ ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। କଳାପଥର ଗ୍ରାମ ପଞ୍ଚାୟତ ପର୍ଶୁରାମପୁରର ପ୍ରଦୀପ କୁମାର ଜେନା, ମହନ୍ତ ଜେନା ଓ ତାଙ୍କ ସମର୍ଥକମାନଙ୍କ



ସହ ବିଜୁ ଜନତା ଦଳରେ ଯୋଗଦାନ କରିଛନ୍ତି। ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେଡି ନେତା ପ୍ରଭାତ କୁମାର ତ୍ରିପାଠୀ ସେମାନଙ୍କୁ ସ୍ୱାଗତ କରି ବିଜେଡି ଦଳରେ ସାମିଲ୍ କରିଥିଲେ। ଏଥିରେ ବିଜେଡି ନେତା ଦିଜବର ପରିଡା, ମଦନ ଭୋଇ, ସିଦ୍ଧେଶ୍ୱର ଭୋଇ, ଗୁଗୁଳ ନାଏକ, ସନାତନ ସ୍ୱାଇଁ, ତାରେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ଏସ୍‌ବିର ଅଧ୍ୟାପକ ନିଯୁକ୍ତି ଉପରେ ହାଇକୋର୍ଟଙ୍କ ରହିତାଦେଶ

**କଟକ, ୧୮।୪(ସମିସ):** ଷ୍ଟେଟ୍ ସିଲେକ୍ସନ ବୋର୍ଡ (ଏସ୍‌ଏସ୍‌ବି) ପକ୍ଷରୁ ବିଭିନ୍ନ କଲେଜରେ ପଦାର୍ଥ ବିଜ୍ଞାନ ଓ ପ୍ରାଣୀ ବିଜ୍ଞାନ ବିଭାଗର ଅଧ୍ୟାପକ ନିଯୁକ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଚୂଡ଼ାନ୍ତ ନିଯୁକ୍ତିପତ୍ର ପ୍ରଦାନ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଅନ୍ତରୀଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଡ. ଅମିୟ ରଞ୍ଜନ ବାରିକଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ମାମଲାରେ ପ୍ରତିପକ୍ଷ ରାଜ୍ୟ ସରକାରଙ୍କୁ ଅଦାଲତ ନୋଟିସ ଜାରି କରିଛନ୍ତି।

### ୟୁଜିସି ନିୟମାବଳୀ ଉଲ୍ଲଙ୍ଘନ ଅଭିଯୋଗ

ମାମଲାରୁ ପ୍ରକାଶ ଯେ ଗତ ୨୦୨୪ମାର୍ଚ୍ଚ ୯ରେ ଏସଏସବି ପକ୍ଷରୁ ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜରେ ୭୮୬ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରୁ ପଦାର୍ଥ ବିଜ୍ଞାନ ବିଭାଗରେ ମୋଟ ୩୧ଟି ଓ ପ୍ରାଣୀ ବିଜ୍ଞାନ ବିଭାଗରେ ୩୨ଟିପଦରେ ମଧ ନିଯୁକ୍ତି ପାଇଁ ଉଲ୍ଲେଖ ଥିଲା। ଯେଉଁମାନେ କେବଳ ସ୍ନାତକୋତ୍ତରରେ ୫୫ ପ୍ରତିଶତ ମାର୍କ ରଖିଥିବେ, ସେମାନେ ଆବେଦନ କରିବାକୁ ଯୋଗ୍ୟ ହେବେ ବୋଲି ନିଯୁକ୍ତି ବିଜ୍ଞପ୍ତିରେ କୁହାଯାଇଥିଲା। ଏହା ୟୁଜିସି(ବିଶ୍ୱବିଦ୍ୟାଳୟ ମଞ୍ଜୁରି ଆୟୋଗ)ର ନିୟମାବଳୀକୁ ଉଲ୍ଲଙ୍ଘନ କରୁଥିବା ଆବେଦନକାରୀ ଦର୍ଶାଇଛନ୍ତି। ୟୁଜିସି ନିୟମାବଳୀ ଅନୁସାରେ, ପିଜି ସହ ପିଏଚ୍‌ଡି ଓ ନେଟ୍ ଆଦିକୁ ଯୋଗ୍ୟତା ମାନଦଣ୍ଡ ଭାବେ ଧାର୍ଯ୍ୟ କରାଯାଇଛି। ଏପରିକି ୟୁଜିସି ନିୟମାବଳୀ ଅନୁପାଳନ ପାଇଁ ୨୦୧୬ରେ ମଧ ସରକାରଙ୍କ ଗେଜେଟ୍ ବିଜ୍ଞପ୍ତି ରହିଛି। ହେଲେ ଏସ୍‌ଏସ୍‌ବିର ଏହି ଅଧ୍ୟାପକ ନିଯୁକ୍ତି ପ୍ରକ୍ରିୟାରେ ୟୁଜିସି ନିୟମାବଳୀକୁ ଉଲ୍ଲଙ୍ଘନ କରାଯାଇଥିବାରୁ ଏହାକୁ ଚ୍ୟାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପ୍ରକାଶ ଥାଉକି ୨୦୨୩ ସେପ୍ଟେମ୍ବର ୧୧ରେ ଏସଏସବି ପକ୍ଷରୁ ରାଜ୍ୟର ବିଭିନ୍ନ ଡିଗ୍ରୀ କଲେଜରେ ୧୦୬୫ଟି ଅଧ୍ୟାପକ ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ଅନୁରୂପ ନିୟମାବଳୀ ଉଲ୍ଲଙ୍ଘନ ନେଇ ହାଇକୋର୍ଟରେ ମାମଲା ପହଞ୍ଚିଥିଲା। ଏହି ମାମଲାରେ ବି ପୂର୍ବରୁ ହାଇକୋର୍ଟଙ୍କ ରହିତାଦେଶ ବଳବତ୍ତର ଥିବା ବେଳେ ଏସଏସବି ପକ୍ଷରୁ ପୁନର୍ବାର ୨୦୨୪ରେ ସାନି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ମାମଲାରେ ବି ଅଦାଲତ ଅନ୍ତରୀଣ ରହିତାଦେଶ ଜାରି କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସୌଭାଗ୍ୟ ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି।

## ଉତ୍ତରକୂଳ ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ

**ନିଶ୍ଚିନ୍ତକୋଇଲି,୧୮।୪(ସମିସ):** କଟକ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବ୍ଲକ ଉତ୍ତରକୂଳ ପଞ୍ଚାୟତ ମୁଗୁରିଆ ଠାରେ ବିଜୁ ଜନତା ଦଳର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ବିଜେଡି ସଭାପତି ଦିଲ୍ଲିପ କୁମାର ବିଶ୍ୱାଳଙ୍କ ପୌରହିତ୍ୟରେ ଏଥିରେ ବିଧାୟକ ପ୍ରାର୍ଥୀ



ଚନ୍ଦ୍ରସାରଥୀ ବେହେରାଙ୍କ ମାତା ତଥା ସାଲେପୁର ବ୍ଲକର ପ୍ରାକ୍ତନ ଅଧକ୍ଷା ପ୍ରମିଳା ବେହେରା ଯୋଗଦେଇ ଚଳିତ ନିର୍ବାଚନରେ ବିଜେଡି ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ବିଜୟ କରି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ନିମନ୍ତେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଜେଡି ପର୍ଯ୍ୟବେକ୍ଷକ ରମେଶ ଚନ୍ଦ୍ର ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟା ଶୁଭଶ୍ରୀ ମହାନ୍ତି, ବରିଷ୍ଠ କର୍ମୀ ଜମ୍ବେଶ୍ୱର ବେହୁରା, ବାବୁଜଙ୍ଗ ପଞ୍ଚାୟତ ବିଜେଡି ସଭାପତି ସୁରେନ୍ଦ୍ରନାଥ ଖୁଣ୍ଟିଆ, ପ୍ରାକ୍ତନ ସମିତିସଭ୍ୟ ମନୋଜ ମହାନ୍ତି, ସମିତିସଭ୍ୟ କିଶୋର ସାହାଣୀ, ଅଭୟ ଲେଙ୍କା, ଯୁବନେତା ସନ୍ତୋଷ ମହାପାତ୍ର, ନାଏବ ସରପଞ୍ଚ ନିମାଇ ମହାପାତ୍ର, ଶିକ୍ଷାବିତ୍ ବଟକୃଷ୍ଣ ମହାପାତ୍ର, ବୀରବର ଦାସ, କୁନା ଦାସ, ରବିନାରାୟଣ ମହାନ୍ତି, ସଂଗୀତା ରାଉତ, ଟିଂକି ମଲିକ, ସଂଗ୍ରାମ ସ୍ୱାଇଁ, ମାନସୀ ମଲ୍ଲ, ମନ୍ଦାକିନୀ ମହାପାତ୍ରଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ଯୋଗଦେଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଶପଥ ନେଇଥିଲେ।

## ବିରୋଧୀଙ୍କୁ ନିଆଳିରେ ଶକ୍ତ ଧକ୍କା

# ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ମିଶିଲେ ପ୍ରଭାତ

**ନିଆଳି,୧୮।୪(ସମିସ):** ପୂର୍ବତନ କଂଗ୍ରେସ ଜିଲ୍ଲା ପରିଷଦ, ପୂର୍ବତନ ସରପଞ୍ଚ, ପୂର୍ବତନ ସମିତିସଭ୍ୟ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି, ବିଜେପି ନେତା ଓ ବରିଷ୍ଠ ସଂଗଠକ ପ୍ରଭାତ କୁମାର ଭୂୟାଁ ତାଙ୍କର ୫ଶହ ସମର୍ଥକଙ୍କ ସହ ଗୁରୁବାର ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ସେ ବିଜେଡ଼ିରେ ଯୋଗଦେବା ପରେ ନିଆଳି ବ୍ଲକ୍‌ରେ ବିରୋଧିଙ୍କୁ ଶକ୍ତ ଧକ୍କା ଲାଗିବା ସହ ବିଜେଡିର ଶକ୍ତି ବୃଦ୍ଧି ହୋଇଛି। ଶ୍ରୀ ଭୂୟାଁ ଗତ ୧୯୯୭ ମସିହାରେ କଂଗ୍ରେସ ଦଳରୁ ଜିଲ୍ଲାପରିଷଦ ରହିଥିବା ବେଳେ ୨୦୦୭ରେ ଅଲଣା ପଞ୍ଚାୟତରୁ ସରପଞ୍ଚ, ୨୦୧୨ ମସିହାରେ ସମିତି ସଭ୍ୟ ରହିଥିଲେ ପରେ ସେ ବ୍ଲକ୍ କଂଗ୍ରେସର ସଭାପତି ଦାୟିତ୍ୱରେ ରହିଥିବା



ବେଳେ ଗତ ୨୦୧୯ ବିଧାନସଭା ନିର୍ବାଚନରେ କଂଗ୍ରେସ ଛାଡ଼ି ବିଜେପିରେ ଯୋଗଦେଇଥିଲେ। ଅଲଣା ଓ ଅଁଳୋ ପଞ୍ଚାୟତରେ ଶ୍ରୀ ଭୂୟାଁଙ୍କର ଏକ ବଡ଼ ସଂଗଠନ ରହିଥିବା ବେଳେ ସେ ସାଧାରଣ ଲୋକଙ୍କ ପାଇଁ କାମ କରୁଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ନିଆଳିରେ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ସେ ତାଙ୍କ ସମର୍ଥକଙ୍କ ସହ ଗୁରୁବାର ବିଜେଡିରେ ଯୋଗଦେଇଛନ୍ତି। ଅପରାହ୍ନରେ ନୂଆଗାଁ ଛକ ଠାରୁ ପ୍ରଭାତ କୁମାର ଭୂୟାଁ ତାଙ୍କର ୫ଶହରୁ ଉଦ୍ଧ୍ୱର୍ ସମର୍ଥକଙ୍କ ସହ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ବାହାରିଥିବା ବେଳେ ବିଧାୟକ ଶ୍ରୀ ମଲ୍ଲିକ ସେଠାରୁ ତାଙ୍କୁ ସ୍ୱାଗତ କରି ପାଛୋଟି ଆଣିଥିଲେ। ଉକ୍ତ ଶୋଭାଯାତ୍ରା ନିଆଳି ବଜାର ପରିକ୍ରମା କରି ସାହୁ ପ୍ୟାଲେସ ଠାରେ ପହଞ୍ଚିବା ପରେ ମିଶ୍ରଣ ପର୍ବ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସାଂସଦଙ୍କ ପ୍ରତିନିଧି ଆଦିତ୍ୟ ପାଣି ସଭାପତିତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫେସର ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ଯୋଗଦେଇ ପ୍ରଭାତ କୁମାର ଭୂୟାଁ ଓ ତାଙ୍କ ସମର୍ଥକଙ୍କୁ ଦଳୀୟ ଉତ୍ତରୀୟ ଦେଇ ଦଳରେ ସାମିଲ କରିଥିବାବେଳେ ପ୍ରଭାତ ଭୂୟାଁଙ୍କ ଭଳି ଜଣେ ବରିଷ୍ଠ ସଂଗଠକଙ୍କୁ ଦଳ ପାଇଥିବାରୁ ସେ ତାଙ୍କୁ ଧନ୍ୟବାଦ ଦେବା ସହ ଆସନ୍ତା ୨୦୨୪ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ସହ କାମ କରି ନିଆଳିର ବିକାଶରେ ସାମିଲ ହେବାକୁ କହିଥିଲେ। ସେହିପରି ଶ୍ରୀ ଭୂୟାଁ ତାଙ୍କର ୫ଶହ ସମର୍ଥକଙ୍କୁ ନେଇ ଦଳରେ ସାମିଲ ହୋଇଥିବାରୁ ଏବେଠାରୁ ସମସ୍ତ ଭେଦଭାବକୁ ଭୁଲି ବିଜୁ ଜନତା ଦଳ ପାଇଁ କାମ କରିବାକୁ ତାଙ୍କ ସମର୍ଥକଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ୨୦୨୪ ବିଧାନସଭା ନିର୍ବାଚନରେ ଅଲଣା ଓ ଅଁଳୋ ପଞ୍ଚାୟତରୁ ବିଧାୟକ ଶ୍ରୀ ମଲ୍ଲିକ ଓ ସାଂସଦ ରାଜଶ୍ରୀ ମଲ୍ଲିକଙ୍କୁ ସର୍ବାଧିକ ୫ହଜାରରୁ ଉଦ୍ଧ୍ୱର୍ ଭୋଟ ଦେବା ପାଇଁ ଦୃଢୋକ୍ତି ପ୍ରକାଶ କରିଥିଲେ। ଏହି ମିଶ୍ରଣ ପର୍ବରେ ଜିଲ୍ଲାପରିଷଦ ସଭ୍ୟ ଦେବାଶିଷ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ୍ ବିଜେଡି କାର୍ଯ୍ୟକାରୀ ସଭାପତି ଅନ୍ତର୍ଯ୍ୟାମୀ ବଡୁ, କଣ୍ଟାପଡ଼ା ବ୍ଲକ୍ ଯୁବ ବିଜେଡ଼ି ସଭାପତି ବିମାନ ବେହେରା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଅତୁଲ୍ୟ ଜେନା, ସମିତିସଭ୍ୟ ବିଜୟ ମୁଖି, ସଂଗଠକ ବିଶମ୍ବର ସାହୁ, ସୁଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ନିଆଳି ବ୍ଲକ୍ ଯୁବ ବିଜେଡ଼ି ସଭାପତି ବିଷ୍ଣୁ ଚରଣ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ପଶୁପକ୍ଷୀଙ୍କ ପାଇଁ ଖୋଲିଲା ଜଳସେବା କେନ୍ଦ୍ର




**ବାଙ୍କୀ, ୧୮।୪(ସମିସ):** ଆଜି ବାଙ୍କୀ ମେଡିକାଲ୍ ରୋଡ ଠାରେ ପଶୁପକ୍ଷୀଙ୍କ ପାଇଁ ଏକ ଜଳସେବା କେନ୍ଦ୍ରର ଶୁଭାରମ୍ଭ ହୋଇଛି। ପ୍ରକୃତି ବନ୍ଧୁ ଦୀପକ କୁମାର ସାମନ୍ତରାଙ୍କ ତତ୍ତ୍ୱବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏହି ଜଳସେବା କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ ପ୍ରଚଣ୍ଡ ରୌଦ୍ରତାପ ଯୋଗୁଁ ବୁଲା ଗାଇଗୋରୁ ଓ ପଶୁପକ୍ଷୀମାନେ ଏଠାରୁ ଜଳପାନ କରି ତୃଷ୍ଣା ନିବାରଣ କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଓ ଯୁବ ସମାଜସେବୀ ଅମିତ କୁମାର ସାହୁ ଯୋଗଦାନ କରିଥିଲେ। ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦର ଉପସଭାପତି କୃତିବାସ ପଣ୍ଡା, ଆଇନଜୀବୀ ବିରଞ୍ଚି ଦାସ, ପ୍ରକୃତି ବନ୍ଧୁ ପ୍ରସନ୍ନ ସାହୁ, ବିଜୟ ରଣା, ଦୁଷ୍ମନ୍ତ ଛାଟୋଇ, ପ୍ରକୃତି ବନ୍ଧୁ ବିଦ୍ୟାଧର ଖଟୁଆ, ମନୋଜ ଶତପଥୀ, ବିଶ୍ୱମୋହନ ସାମଲ ପ୍ରମୁଖ ଜଳ ରଖିବା ପାଇଁ ବିଭିନ୍ନ ସରଞ୍ଜାମ ଯୋଗାଇଦେଇଥିଲେ। ଏତାଦୃଶ କାର୍ଯ୍ୟପାଇଁ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ପ୍ରଶଂସା କରିଛନ୍ତି।

# ବିକ୍ରି ହେଉଛି ଅପମିଶ୍ରିତ ଖାଦ୍ୟ; ହେଉନି ଯାଞ୍ଚ

**ନିଆଳି, ୧୮।୪(ସମିସ)**





ନିଆଳି ବ୍ଲକର ବିଭିନ୍ନ ଗାଁ, ଛକ, ବଜାର ଇତ୍ୟାଦିରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଥିବାବେଳେ ଏହାକୁ ଯାଞ୍ଚ କରିବାକୁ କେହି ନାହାଁନ୍ତି। ନିୟମ କେବଳ କାଗଜ କଲମରେ ରହିଥିବାବେଳେ ଅପମିଶ୍ରିତ ଖାଦ୍ୟ ଖାଇ ଏ ଅଞ୍ଚଳରେ ବହୁ ଲୋକ ପେଟ ରୋଗର ଶିକାର ହେଉଥିବା ଦେଖିବାକୁ ମିଳୁଛି। ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ହେବା ସହ ଛକ

**● ନିୟମ କେବଳ କାଗଜ କଲମରେ**

ବଜାର ମାନଙ୍କରେ ମଧ ଦୋକାନ ବଜାର ବୃଦ୍ଧି ହେଉଛି। ବିଶେଷକରି ବିଭିନ୍ନ ଜଳଖିଆ ଦୋକାନ, ହୋଟେଲ୍, ଫାଷ୍ଟଫୁଡ ଇତ୍ୟାଦି ଦୋକାନ ଗୁଡ଼ିକରେ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଛି। ପ୍ରତ୍ୟେହ ବଜାରରେ ଶହ ଶହ ଲୋକ ଉକ୍ତ ଖାଦ୍ୟ ଉପରେ ନିର୍ଭର କରୁଥିବାବେଳେ ନିଆଳି ଅଞ୍ଚଳର ଜଣେ ହେଲେ ଖାଦ୍ୟ ନୀରିକ୍ଷକ ନାହାଁନ୍ତି। ଅନେକ ଜଳଖିଆ ଦୋକାନୀ ବାରମ୍ବାର ପୋଡ଼ା ତେଲ ବ୍ୟବହାର କରି ସେଥିରେ ଖାଦ୍ୟ ସାମଗ୍ରୀ ତିଆରି କରୁଥିବାବେଳେ ଅନେକ ଦୋକାନୀ ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳୁଛି। ଖାଦ୍ୟ ଓ ପାନୀୟର ଗୁଣାତ୍ମକ ମାନ ପରୀକ୍ଷା ଲାଗି ସରକାର ଆଇନ୍ ପ୍ରଣୟନ କରିଛନ୍ତି। ଖରାପ ଓ ଅପମିଶ୍ରିତ ଖାଦ୍ୟ ବିକ୍ରି କରୁଥିବା ବ୍ୟବସାୟୀ ଧରାପଡ଼ିଲେ ସେମାନଙ୍କ ଠାରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ସହିତ ୪ ବର୍ଷ ଜେଲ୍ ଦଣ୍ଡ ପାଇଁ ବ୍ୟବସ୍ଥା ରହିଥିଲେ ମଧ ଉକ୍ତ ଆଇନ୍ କେବଳ କାଗଜ କଲମରେ ସୀମିତ ହୋଇ ରହୁଥିବା ଦେଖିବାକୁ ମିଳିଛି। ପ୍ରତିଦିନ ବିଭିନ୍ନ ଖାଦ୍ୟରେ ଅପମିଶ୍ରଣ ହେଉଥିବାବେଳେ ଏଭଳି ପରିସ୍ଥିତିରେ ହଜାର ହଜାର ଲୋକଙ୍କ ଜୀବନ ସହ ବିଭାଗୀୟ ଅଧିକାରୀମାନେ ଖେଳ ଖେଳୁଛନ୍ତି। ସେହିପରି ନିଆଳି ବଜାରକୁ ପ୍ରତ୍ୟେହ ବିଭିନ୍ନ ଗ୍ରାମାଞ୍ଚଳର ଲୋକେ ଆସୁଥିବାବେଳେ ବହୁ ସ୍କୁଲ୍ କଲେଜ ଛାତ୍ରଛାତ୍ରୀ ମଧ ଏହି ଅପମିଶ୍ରିତ ଖାଦ୍ୟ ଖାଇ ବିଭିନ୍ନ ରୋଗର ଶିକାର ହେଉଛନ୍ତି। ଏହି ଘଟଣାର ପ୍ରତିକାର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ସପନପୁରରେ ରାମଲୀଳା ଉଦ୍‌ଘାଟିତ



**ଟାଙ୍ଗୀ, ୧୮।୪(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁରରେ ରାମନବମୀ ଅବସରରେ ରାମଲୀଳା ଉଦଘାଟିତ ହୋଇଯାଇଛି। ଗରୁଡ଼ଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ସୁବୋଧ କୁମାର ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ସ୍ଥାନୀୟ ସରପଞ୍ଚ ଦିପ୍ତିମୟୀ ବେହେରା, ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, କରଞ୍ଜି ସରପଞ୍ଚ ମହେଶ୍ୱର ମହାନ୍ତ, ନାଏବ ସରପଞ୍ଚ ମାନସ ଭଗତ, ଗ୍ରାମର ଯଦୁନାଥ ମିଶ୍ର ଓ ବାସୁଦେବ ସାହୁ ପ୍ରମୁଖ ଯୋଗଦାନ କରି ମହାପ୍ରଭୁ ରାମଚନ୍ଦ୍ରଙ୍କ ଉପରେ ରାମଲୀଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାରୁ ଗ୍ରାମବାସୀଙ୍କୁ ଉତ୍ସାହିତ କରିଥିଲେ। ସୂଚନାଯୋଗ୍ୟ ଉକ୍ତ ଗ୍ରାମରେ ୫୦ବର୍ଷରୁ ଉର୍ଦ୍ଧ୍ୱ ହେବ ରାମଲୀଳା ହୋଇଆସୁଛି। ଏଥିରେ ଅର୍ଜୁନି ସାହୁ, ମଧୁସୂଦନ ସାହୁ, ସୁନାକର ପ୍ରଧାନ, ସତ୍ୟାନନ୍ଦ ଭଗତ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ପୂର୍ବତନ ସରପଞ୍ଚଙ୍କ ପିତୃ ବିୟୋଗ

**ନିଶ୍ଚିନ୍ତକୋଇଲି, ୧୮।୪(ସମିସ):** ରାମକୃଷ୍ଣପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ, ପ୍ରାକ୍ତନ ବ୍ଲକ କଂଗ୍ରେସ କମିଟିର ପ୍ରାକ୍ତନ ସଭାପତି ଦିଲ୍ଲୀପ କୁମାର ରାଉତଙ୍କ ପିତା ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ରାଉତ(୮୪)ଙ୍କର ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଖବର ପାଇ ମାହାଙ୍ଗା କଂଗ୍ରେସ ନେତା ପ୍ରଦୀପ୍ତ ଦାସ, ସାଲେପୁର କଂଗ୍ରେସ ନେତା ୟାକୁବ୍ ଖାଁ, ମନ୍ମଥ ଖଟୁଆ, ସରପଞ୍ଚ ଭାରତୀ ସ୍ୱାଇଁ, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସ୍ୱାଇ, ରମେଶ ଚନ୍ଦ୍ର ସ୍ୱାଇଁ କଟକ ଜିଲ୍ଲା କଂଗ୍ରେସ କମିଟିର ପ୍ରାକ୍ତନ ସମ୍ପାଦକ ଅମୀୟ ବିଶ୍ୱାଳ, ସଞ୍ଜୟ ବେହେରା, ଅମରେଶ ସାମନ୍ତରାୟ ପ୍ରମୁଖ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସାନଭାଇ ଶ୍ୟାମସୁନ୍ଦର ରାଉତ, ଜ୍ୟେଷ୍ଠପୁତ୍ର ମନୋଜ ରାଉତଙ୍କ ସମେତ ପରିବାରର ସଦସ୍ୟମାନ ଉପସ୍ଥିତ ଥିଲେ। ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସାନପୁଅ ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।

# ବିବେକାନନ୍ଦ ଶିଶୁ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

**ନିଆଳି, ୧୮।୪(ସମିସ):** ନିଆଳି ଅଧୀନସ୍ଥ ବିଳାଶୁଣୀ ପଞ୍ଚାୟତ ବଲରା ଠାରେ ଥିବା ବିବେକାନନ୍ଦ ଶିଶୁ ଶିକ୍ଷା କେନ୍ଦ୍ରର ୨୯ତମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ସଭାପତି ଅଶୋକ କୁମାର ରାୟଙ୍କ ଅଧ୍ୟକ୍ଷତା କରିଥିଲେ। ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପ୍ରଧାନଶିକ୍ଷକ ବିଜୟରାମ ମହାରଣା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ନୂଆହାଟର ବିବେକ ବାବା, ମୁଖ୍ୟବକ୍ତା ଭାବେ ଜଲ୍ଲାରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ସର୍ବେଶ୍ୱର ରାଉତ ଓ ସମ୍ମାନୀତ ଅତିଥିଭାବେ ପୋଦନା ଗୁରୁକୃପା ସରସ୍ୱତୀ ଶିଶୁ ମନ୍ଦିରର ପରିଚାଳକ ପ୍ରକାଶ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ରାଜକିଶୋର ଦାସ ଓ ସମ୍ପାଦକ ରୂପ ମହାନ୍ତି ଉପସ୍ଥିତ ଥିଲେ।

# ଆଧ୍ୟାତ୍ମିକ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ




ମାହାଙ୍ଗା, ୧୮।୪(ସମିସ): ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତ ଅନ୍ତର୍ଗତ ନାହାଙ୍ଗଗ୍ରାମର ଅନନ୍ତ ଆଶ୍ରମ (ତାଳପୋଖରୀ)ଠାରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦ ଓ ମା' ବାସନ୍ତୀ ଦୁର୍ଗା କମିଟିର ମିଳିତ ଆନୁକୂଲ୍ୟରେ ଏକ ଆଧ୍ୟାତ୍ମିକ ଆଲୋଚନା ଚକ୍ର ଓ କବିତା ପାଠ ଉତ୍ସବ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସଭାପତି ଔପନ୍ୟାସିକା ବିଦ୍ୟୁଲତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ସରପଞ୍ଚଙ୍କ ପ୍ରତିନିଧି ଦେବରଞ୍ଜନ ମହାନ୍ତି ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ମାନସ ଭୂଷଣ ପଣ୍ଡିତ, ହୃଷିକେଶ ରଥ ଯୋଗଦେଇ ଚୈତ୍ରମାସରେ ମା' ବାସନ୍ତୀ ଦୁର୍ଗାଙ୍କ ପୂଜାର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମୁଖ୍ୟଅତିଥିଙ୍କୁ ଉପଢୌକନ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ମହିମାଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ପୂର୍ବତନ ଜିଲ୍ଲାପରିଷଦ ଡ. ଜୟରାମ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁରେନ୍ଦ୍ରନାଥ ଶତପଥି, ସମନ୍ୱୟ ସାହିତ୍ୟ ଅନୁଷ୍ଠାନର ସଭାପତି ରଘୁନାଥ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିପିନବିହାରୀ କର, ଦୁର୍ଗାପ୍ରସାଦ ରାୟ, ଜନମଙ୍ଗଳ ସଭାପତି ପରିବେଶବିତ୍ ପ୍ରମୋଦ ଦାଶ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ବିରୂପାକ୍ଷ ରାୟ ଯୋଗଦେଇଥିଲେ। ପ୍ରାରମ୍ଭରେ ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର ସମ୍ପାଦକ ଗୌତମ ଚରଣ ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରସରାଜ ବୀରକିଶୋର ସ୍ୱାଇଁ, ଶିଶୁ ସାହିତ୍ୟିକ ମହେନ୍ଦ୍ର ଘଡେଇ, ସ୍ତମ୍ଭକାର ବିବେକାନନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ସାହୁ, ରାଜକିଶୋର ମିଶ୍ର, ଭଜକୃଷ୍ଣ ମିଶ୍ର, ପ୍ରଫୁଲ୍ଲ ସିଂ, ପିତାମ୍ବର ସ୍ୱାଇଁ, ପ୍ରମୋଦ ନାୟକ, ରାଜକିଶୋର ମୁଣ୍ଡି, ବିଜୟ କୁଅଁର, ରାମଚନ୍ଦ୍ର ସାହୁ, ନିରଞ୍ଜନ ସାହୁ, ଶରତଚନ୍ଦ୍ର ରାଉତ ପ୍ରମୁଖ ଆଧ୍ୟାତ୍ମିକ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବବ୍ରତ କର, ଚୌଧୁରୀ ଭକ୍ତରଞ୍ଜନ ପ୍ରହରାଜ, ପ୍ରମୋଦ ମହାପାତ୍ର, ଶରତ ଚନ୍ଦ୍ର ଜେନା, ପର୍ଶୁରାମ ଭୂୟାଁ, ଦିଲ୍ଲୀପ ସାମଲ, କାଳନ୍ଦୀ ଚରଣ ସାହୁ, ସମାଜସେବୀ ପ୍ରହ୍ଲାଦ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଜ୍ୟୋତିରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମା' ବାସନ୍ତୀ ଦୁର୍ଗାଙ୍କ ପୂଜା ଅବସରରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ ଆଲୋଚନାଚକ୍ରରେ ସ୍ଥାନୀୟ ନାହାଙ୍ଗ ପଞ୍ଚାୟତର ଜନସାଧାରଣ ଓ ଅନନ୍ତ ଆଶ୍ରମର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଭାଗବତ ଗାଦି ପୁନଃ ପ୍ରତିଷ୍ଠା ଉତ୍ସବ

**ଚୌଦ୍ୱାର, ୧୮।୪(ସମିସ):** ଚୌଦ୍ୱାର ପୌରପାଳିକା ୫ନଂ ୱାର୍ଡ ବ୍ରାହ୍ମଣ ସାହିସ୍ଥିତ ବହୁ ପୁରାତନ ଭାଗବତ ଗାଦିର ପୁନଃ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୂର୍ଯ୍ୟପୂଜା, ଘଟ ସ୍ଥାପନ, ଗୋପୂଜନ, ହୋମଯଜ୍ଞ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମିଟି ସଭାପତି କୃଷ୍ଣଚନ୍ଦ୍ର ବାରିକ କର୍ତ୍ତା ଭାବେ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ପୂଜାରୀ ସଞ୍ଜୟଦାସ ପୂଜାକର୍ମ କରିଥିଲେ। ବିଧାୟକ ସୌଭିକ୍ ବିଶ୍ୱାଳ, ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ବହୁ କାଉନସିଲର, ଭାଗବତ ପ୍ରେମୀ ଓ ସ୍ଥାନୀୟ ନାଗରିକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କମିଟି ସମ୍ପାଦକ ଅଲେଖ ନାୟକ, ସ୍ଥାନୀୟ କାଉନସିଲର ସୁଜାତା ସାହୁ, ଜୟଦେବ ସାହୁ ଓ ଗ୍ରାମବାସୀବୃନ୍ଦ ସହଯୋଗ କରିଥିଲେ।

# ଡମପଡ଼ା ବ୍ଲକ ଆଦିବାସୀ ହରିଜନ ସଂଘର ବୈଠକ



ବାଙ୍କୀ, ୧୮।୪(ସମିସ): ଡମପଡ଼ା ବ୍ଲକ ଆଦିବାସୀ ହରିଜନ ସଂଘ ପକ୍ଷରୁ ଜାତମୁଣ୍ଡିଆ ଠାରେ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ହରି ନାୟକଙ୍କ ତତ୍ତ୍ୱବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନିର୍ମଳ ନାୟକ ବିବରଣୀ ପାଠ କରି ଆଦିବାସୀ ହରିଜନମାନଙ୍କର ଉନ୍ନତି ପାଇଁ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ, ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଆଇନ୍ ପରାମର୍ଶଦାତା ଗୌରୀଶଙ୍କର ନନ୍ଦ ଉପସ୍ଥିତ ରହି ଏ ଅଞ୍ଚଳର ଆଦିବାସୀ ହରିଜନ ବସ୍ତିଗୁଡିକରେ ଉନ୍ନତି ପାଇଁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବା ସହିତ ଗ୍ରାମକୁ ଭଲ ରାସ୍ତା, ପାନୀୟ ଜଳଯୋଗାଣ ଓ ରେସନକାର୍ଡ ଯୋଗାଇ ଦିଆଯିବ ବୋଲି କହିଥିଲେ। ଏହି ବୈଠକରେ ସମସ୍ତ ହରିଜନ ସାହିର ମୁରବୀମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଭୋଟର ସଚେତନ ଅଭିଯାନ କାର୍ଯ୍ୟକ୍ରମ

**ବାଙ୍କୀ, ୧୮।୪(ସମିସ):** ବାଙ୍କୀ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଧରଣୀଧର ଜେନାଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀଙ୍କୁ ନେଇ ଭୋଟ ଅଭିଯାନ ସଚେତନତା ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ନିର୍ବାଚନର ପର୍ବ ଆମ ଦେଶର ଗର୍ବ 'ଭୋଟ ଦେବା ଭୋଟ ଦେବା ଆସ ସମସ୍ତେ ଭୋଟ ଦେବା' ସ୍ଲୋଗାନ୍ ଦିଆଯାଇଥିଲା। ଏହି ଶୋଭାଯାତ୍ରା ଅଂଶୁପା ଡିଗ୍ରୀ ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଅଂଶୁପା ରାସ୍ତାରେ ପରିକ୍ରମା କରିବା ସହିତ ଅଂଶୁପା ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟରେ ଶେଷ ହୋଇଥିଲା।

# ମା' କୁତାମଚଣ୍ଡୀ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ନିଆଳି, ୧୮।୪(ସମିସ):** ନିଆଳି ସ୍ଥିତ ମା' କୁତାମଚଣ୍ଡୀ ପୀଠରେ ସପ୍ତମ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଓ ମହାବୀର ଜୟନ୍ତୀ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ମହାବୀର ଜୟନ୍ତୀ ଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ କଳସ ଶୋଭାଯାତ୍ରା ସହ ଘଟ ସ୍ଥାପନ ଓ ସୂର୍ଯ୍ୟ ପୂଜା କରାଯାଇଥିଲା। ବିଭିନ୍ନ ସ୍ଥାନରୁ ପ୍ରାୟ ୮ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଚିତ୍ତରଞ୍ଜନ ବେହେରା, ପତ୍ନୀ ରୀତାରାଣୀ ବେହେରା, ସତ୍ୟବ୍ରତ ରାଉତ, ପତ୍ନୀ କଲ୍ୟାଣୀ ରାଉତ କର୍ତ୍ତାକର୍ତ୍ତ୍ରୀ ହୋଇଥିବା ବେଳେ ପୂଜକ ଭାବେ ଅନ୍ତର୍ଯ୍ୟାମୀ ପାଢ଼ୀ ଓ ତାଙ୍କ ସାଥି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିବାବେଳେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସୁନାଦେଈ ପୀଠରେ କବିତା ପାଠୋତ୍ସବ

**ବାଙ୍କୀ, ୧୮।୪(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ରଗଡ଼ି ଗ୍ରାମ ସୀମାନ୍ତ ମା'ସୁନାଦେଈ ପୀଠରେ ବନ୍ଧୁମିଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ବନ୍ଧୁମିଳନ ଉତ୍ସବରେ ପ୍ରାଧ୍ୟାପକ ମନୋଜ ମହାପାତ୍ର ସଭାପତିତ୍ୱ କରି କବିତା ହେଉଛି ମଣିଷ ଜୀବନକୁ ଶାନ୍ତି ଓ ଆନନ୍ଦ ଆଣିଦେଇଥାଏ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ କବି ଡ. ମୁରଲୀଧର ରଥ ଯୋଗଦାନ କରି ନିଜସ୍ୱ କବିତା ଗାନ କରିଥିଲେ। କାର୍ଯ୍ୟକ୍ରମରେ ଡ. ଶୈଳେନ୍ଦ୍ର ଚନ୍ଦ୍ର ଦେଓ, ରାଜକିଶୋର ପାଲ୍, ତ୍ରୈଲୋକ୍ୟନାଥ ଦାସ, ବୃନ୍ଦାବନ ପ୍ରଧାନ, ଅଧ୍ୟାପକ ଅଦୈତ୍ୟ ପ୍ରଧାନ, ଅଧ୍ୟାପକ ନରେଶ ବେହେରା, ଅଧ୍ୟାପିକା ବର୍ଷାରାଣୀ ଦିକ୍ଷୀତ, ଅଧ୍ୟାପକ ତପନ ସେଠୀ ପ୍ରମୁଖ ଯୋଗଦାନ କରି ସ୍ୱରଚିତା କବିତାମାନ ପାଠ କରିଥିଲେ। ଶେଷରେ ଡ. ଲୀନାରାଣୀ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଲାଲାବାବାଙ୍କ ବାର୍ଷିକ ଉତ୍ସବ

**ନିଶ୍ଚିନ୍ତକୋଇଲି, ୧୮।୪(ସମିସ):** ଅସୁରେଶ୍ୱର ପଞ୍ଚାୟତ କୂଳଗାଁଇଶାଳୋ ଲାଲବାବା ପୀଠରେ ଶତବିଂଶତମ ବାର୍ଷିକ ଉତ୍ସବ, ଶ୍ରୀ ହନୁମନ୍ତ ପଞ୍ଚକୁଣ୍ଡୀୟ ଯଜ୍ଞ, ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପବିତ୍ର ପଣା ସଂକ୍ରାନ୍ତି ତିଥିରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ମଧ୍ୟାହ୍ନରେ ଶ୍ରୀ ଲାଲବାବାଙ୍କ ମହାସ୍ନାନ ହଜାର ହଜାର ଭକ୍ତଙ୍କ ଉପସ୍ଥିତିରେ କରାଯାଇଥିଲା। ମାନସିକଧାରୀ ଭକ୍ତଙ୍କ ଦ୍ୱାରା ମହାବୀରଙ୍କ ଉଦ୍ଦେଶ୍ୟରେ ବଡ଼ପଣା ଭୋଗ ଲାଗି ହୋଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୂତି ଉତ୍ସବ ସମ୍ପନ୍ନ ହେବା ସହିତ ପ୍ରବଚନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସନ୍ଧ୍ୟାରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ପୂର୍ବତନ ଆୟକର କମିଶନର ଶୋଭନ କର, ବିଜେପି ନେତା ଶାରଦା ପ୍ରଧାନ, ସୁମନ୍ତ କୁମାର ଘଡ଼େଇ ପ୍ରମୁଖ ଯୋଗଦେଇଥିଲେ।

# ବିଭିନ୍ନ ସ୍ଥାନରେ ଶ୍ରୀରାମ ନବମୀ ଉତ୍ସବ



**ତିଗିରିଆ, ୧୮।୪(ସମିସ)**

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼, ପୁରୁଣା ତିଗିରିଆ, ବିନ୍ଧାଣିମା, ବାଲିପୁଟ, ନୂଆପାଟଣା, ଜେମାଦେଇପୁର, ଭୋଗଡ଼ା, ଗଦାଧରପୁର, ହାଟମାଳ, ବଡନାଉପୁଟ, ସୋମପଡ଼ା, ପାଞ୍ଚଗାଁ, ପୁରୁଣା ତିଗିରିଆ ଆଦି ପଞ୍ଚାୟତମାନଙ୍କରେ ବୁଧବାର ଠାରୁ ଶ୍ରୀରାମ ନବମୀ ଉତ୍ସବ ଆରମ୍ଭ ହୋଇଛି। ଗ୍ରାମର କୋଠଘର, ଧାର୍ମିକ ଅନୁଷ୍ଠାନମାନଙ୍କରେ ବ୍ରତିମାନେ ବ୍ରତ ରଖି ଦୀର୍ଘ ୯ ଦିନ ପର୍ଯ୍ୟନ୍ତ ଘରଦ୍ୱାର ଛାଡି ବାହାରେ ଜୀବନଯାପନ କରିବେ। ଫଳରେ ଗ୍ରାମ ତଥା ଦେବାଳୟଗୁଡିକ ଉତ୍ସବମୁଖର ହୋଇପଡ଼ିଛି। ତେବେ ଗଦାଧରପୁରସ୍ଥିତ ଦାରୁ ରଘୁନାଥ ଜୀୟୁଙ୍କ ପୀଠରେ ଆୟୋଜିତ ରାମନବମୀ ଉତ୍ସବ ସମ୍ପୂର୍ଣ୍ଣ ତିଗିରିଆ ବ୍ଲକର ଜନସାଧାରଣଙ୍କୁ ବେଶ୍ ଆକୃଷ୍ଟ କରିଛି। ଗଦାଧରପୁରସ୍ଥିତ ଦାରୁ ରଘୁନାଥଜୀୟୁଙ୍କ ପୀଠରେ ଆଖପାଖ ଅଞ୍ଚଳର ୪ ଶହରୁ ଉର୍ଦ୍ଧ୍ୱ ବ୍ରତି ଗୋଟିଏ ଛପର ତଳେ ଏକାଠି ହୋଇ ରାମନବମୀ ଉପାସ ଆରମ୍ଭ କରିଛନ୍ତି। ବ୍ରତ ଆରମ୍ଭ କରିଥିବା ୪ଶହରୁ ଉର୍ଦ୍ଧ୍ୱ ବ୍ରତି ଏକାଠି ହୋଇ ନିକଟସ୍ଥ ମହାନଦୀରୁ ଜଳଭର୍ତ୍ତି କଳସ ଶୋଭାଯାତ୍ରାରେ ବାହାରିଥିଲେ।

**ବାଙ୍କୀ :** କେନ୍ଦୁପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ପତନି ଗ୍ରାମର ଶ୍ରୀ ରଘୁନାଥ ଜୀଉଙ୍କ ପୀଠରେ ପବିତ୍ର ଶ୍ରୀରାମ ନବମୀ ତିଥିରେ ରୀତିନୀତି ଅନୁଯାୟୀ ପ୍ରଭୁଙ୍କ ଜନ୍ମ ନାରାୟଣ ବେଶ ପାଳିତ ହୋଇଯାଇଛି। ବିଭିନ୍ନ ନୀତିକାନ୍ତି ପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ଶ୍ରୀ ଜୀଉଙ୍କ ଅବକାଶ ନୀତି କରାଯାଇଥିଲା। ବ୍ରାହ୍ମଣଙ୍କ ଦ୍ୱାରା ଜନ୍ମମଣ୍ଡଳ ବିଧି କରାଯାଇ ଜନ୍ମ ବିଧାନ, ନାଭିକଟା, ସ୍ୱର୍ଣ୍ଣ ଅଳଙ୍କାର ପ୍ରଦାନ, ସୂର୍ଯ୍ୟଦର୍ଶନ ଇତ୍ୟାଦି ସମାପନ୍ନ କରାଯାଇ ସାହାଣମେଲା କରାଯାଇଥିଲା। ମାନସିକ ବ୍ରତଧାରି ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୂଜକ, ମନ୍ଦିର ପରିଚାଳକ ଗଙ୍ଗାଧର ସାହୁ, ଗ୍ରାମ ସଭାପତି ଗୋକୁଳାନନ୍ଦ ସାହୁ, ଗୁରୁ ବେଣୁଧର ବେହେରା, କଳାକାର ବନମାଳୀ ସାହୁ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ। ବୋଲଗଡ଼ ବ୍ଲକ ବାଙ୍କୋଇ ଗଡ଼ରେ ଜନ୍ମିତ ଅନଙ୍ଗ ନରେନ୍ଦ୍ର ରଚିତ ରାମଲୀଳାକୁ ୮୬ବର୍ଷ ଧରି ଏଠାରେ ପାଳିତ ହୋଇ ଆସୁଥିବା ବେଳେ ରାତିରେ ଏହି କାର୍ଯ୍ୟକ୍ରମ ୧୩ଦିନ ପାଳନ କରାଯିବ ବୋଲି ଗୁରୁ ଶ୍ରୀ ବେହେରା ସୂଚନା ଦେଇଥିଲେ। ସେହିପରି ପତନୀ ଗ୍ରାମରେ ପ୍ରତିଷ୍ଠିତ ରଘୁନାଥଙ୍କ ମନ୍ଦିର ନିକଟରୁ ଏକ ଭବ୍ୟ ରଥ ବାହାରି ପତନୀ, କେନ୍ଦୁପଲ୍ଲୀ, ଗୋପବନ୍ଧୁ ନଗର, ନୂଆହାଟ, ଶବର ସାହି ଅତିକ୍ରମ କରିବା ପରେ ମନ୍ଦିର ନିକଟରେ ପହଞ୍ଚିଥିଲା। ଶ୍ରୀରାମ ଭକ୍ତମାନେ ଏହି ଯାତ୍ରାରେ ଯୋଗଦେଇଥିଲେ। ଏହି ପବିତ୍ର ରଥ ପତନି ଗ୍ରାମର ପିତାମ୍ବର ସାହୁ, ମାନସ ରଞ୍ଜନ ସାହୁ, ନରେନ୍ଦ୍ର ସାହୁ, ପ୍ରଶାନ୍ତ ସାହୁ, ଶଙ୍କର ସାହୁ, ପ୍ରକାଶ ସାହୁ, ଚାଇନା ସାହୁ, ସନ୍ତୋଷ ସାହୁ, ଗିରିଧାରୀ ସାହୁ, ତପନ ସାହୁଙ୍କ ସମେତ ଶତାଧିକ ରାମଭକ୍ତ ଏଥିରେ ସାମିଲ୍ ହୋଇଥିଲେ।



# ବିଭିନ୍ନ ସ୍ଥାନରେ ଖୋଲିଲା ଜଳଛତ୍ର



ସାଲେପୁର, ୧୮।୪(ସମିସ): ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଲେପୁର ବ୍ଲକ ଅଞ୍ଚଳରେ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଭୂୟାଁ ମାର୍କେଟ୍ କମ୍ପ୍ଲେକ୍ସ ପରିସରରେ ଜଳଛତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ରଜନୀକାନ୍ତ ସାହୁ, କମଳାକାନ୍ତ ଭୂୟାଁ, ଗୌରୀଶଙ୍କର ସାହୁ, ତୁଷାର ଚଇନି, ଅକ୍ଷୟ ସାହୁ, ମୃତ୍ୟୁଞ୍ଜୟ ସାହୁଙ୍କ ସମେତ ମାର୍କେଟ୍ କମ୍ପ୍ଲେକ୍ସର ସମସ୍ତ ବ୍ୟବସାୟୀମାନେ ଉପସ୍ଥିତ ରହି ପଥଚାରୀଙ୍କୁ ଥଣ୍ଡା ଜଳବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଚାଲୁରହିବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ମାଛୁଆତି ତାରିଣୀ ମଣ୍ଡପଠାରେ ଜଳଛତ୍ର କାର୍ଯ୍ୟକ୍ରମ ସାବିତ୍ରୀ ପଣ୍ଡାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟରାସ୍ତା ଓ ଗ୍ରାମରାସ୍ତା ଦେଇ ଯାତାୟତ କରୁଥିବା ପଥଚାରୀମାନଙ୍କୁ ଥଣ୍ଡା ପାନୀୟଜଳ ବଣ୍ଟନ କରାଯାଇଥିଲା।

